ସକାଳ
THE SAKALA



## ବିଳମ୍ବିତ ହେବ ତୁଷୁରା ଏୟାରଷ୍ଟ୍ରିପ୍‌ର ବିକାଶ

**ଭୁବନେଶ୍ୱର, ୨୧।୨ (ସମିସ):** ଓଡ଼ିଶାରେ ଆଞ୍ଚଳିକ ବିମାନବନ୍ଦରର ବିକାଶ ପାଇଁ ରାଜ୍ୟ ସରକାର କୋରାପୁଟ ଜିଲ୍ଲାର ଜୟପୁରଠାରେ ଏକ ପୂର୍ଣ୍ଣାଙ୍ଗ ୨-ବି ବର୍ଗର ବିମାନବନ୍ଦର ନିର୍ମାଣ କରିଛନ୍ତି। ଏହା 'ଉଡାନ' ଯୋଜନାରେ ପରିଚାଳିତ ଏବଂ ଲାଇସେନ୍ସପ୍ରାପ୍ତ ବିମାନବନ୍ଦର। ସେହିଭଳି ଭାବେ ରାଜ୍ୟ ସରକାର ବଲାଙ୍ଗିରର ତୁଷୁରାଠାରେ ଏକ ଏୟାରଷ୍ଟ୍ରିପ୍ ବିକଶିତ କରିଛନ୍ତି। ତେବେ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରି ଏବଂ ଏରୋଡ୍ରମ୍ ଲାଇସେନ୍ସ ପାଇଁ ଏହା ବିଳମ୍ବିତ ହେବାର ସମ୍ଭାବନା ରହିଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଏକ ତାରକା ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି।

ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜୟପୁର ବିମାନବନ୍ଦର ଏକ କାର୍ଯ୍ୟକ୍ଷମ ବିମାନବନ୍ଦର ଏବଂ ବର୍ତ୍ତମାନ ଜୟପୁର-ଭୁବନେଶ୍ୱର ଏବଂ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ସେକ୍ଟର୍‌ରେ ଦୁଇଟି ନିର୍ଦ୍ଧାରିତ ବିମାନ ଚଳାଚଳ କରୁଛି। ଏହି ବିମାନବନ୍ଦରକୁ ୨-ବି ରୁ ୩-ସି ବର୍ଗକୁ ଉନ୍ନୀତ କରିବା ପାଇଁ ୨୨୯.୪ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣ ପାଇଁ ନୀତିଗତ ଅନୁମୋଦନ ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ବିକାଶ ପାଇଁ ୬୫.୪କୋଟି ଟଙ୍କା ପାଣ୍ଠି ଆବଣ୍ଟନ କରାଯାଇଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ତୁଷୁରା ଏୟାରଷ୍ଟ୍ରିପ୍‌କୁ ୨-ବି ବର୍ଗକୁ ଉନ୍ନୀତ କରିବା ପାଇଁ ୬୫କୋଟି ଟଙ୍କା ଅନୁମୋଦନ ଦିଆଯାଇଛି। ଗତ ନଭେମ୍ବର ୨ତାରିଖରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତୁଷୁରା ଏୟାରଷ୍ଟ୍ରିପ୍‌ର ଓଏଲଏସ (ଅବଷ୍ଟାକଲ ଲିମିଟେସନ ସର୍ଭେ) ସମାପ୍ତ ହୋଇଛି। ବର୍ତ୍ତମାନ ସମ୍ପ୍ରସାରଣ ପାଇଁ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣ ଏବଂ ସରକାରୀ ଜମିର ହସ୍ତାନ୍ତରଣ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରକ୍ରିୟାଭିତ୍ତିକ ଏବଂ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରି ଏବଂ ଏରୋଡ୍ରମ୍ ଲାଇସେନ୍ସ ପାଇଁ ଅନୁପାଳନରେ ବିଳମ୍ବ ହେତୁ ଏହା ବିଳମ୍ବିତ ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷେ, ରାଜ୍ୟରେ ଆଞ୍ଚଳିକ ବିମାନବନ୍ଦରର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଏକାଧିକ ଏୟାରଷ୍ଟ୍ରିପ୍‌ଗୁଡ଼ିକର ଉନ୍ନତୀକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ମଧ୍ୟରେ ରାଇସୁଆଁ(କେନ୍ଦୁଝର) ବଡ଼ବିଲ(କେନ୍ଦୁଝର), ଜମାଦାରପଲ୍ଲୀ(ସମ୍ବଲପୁର), ତୁଷୁରା(ବଲାଙ୍ଗୀର), ସତୀଇବା(ବରଗଡ଼), ଗୋତମା (ନୂଆପଡ଼ା), ଗୁଜାରି (କନ୍ଧମାଳ), ଦାଣ୍ଡବୋଷ (ମୟୂରଭଞ୍ଜ) ଏବଂ ଅମର୍ଦା (ମୟୂରଭଞ୍ଜ) ରହିଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟରେ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ମୋଟରଯାନ

**ଭୁବନେଶ୍ୱର, ୨୧।୨ (ସମିସ):** ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବିଭିନ୍ନ କିସମର ମୋଟ୍ ୯୦ ଲକ୍ଷରୁ ଅଧିକ ଯାନ ପଞ୍ଜିକୃତ ହୋଇ ଚଳାଚଳ କରୁଛି। ଗତ ୫ ବର୍ଷ ମଧ୍ୟରେ ମୋଟ୍ ୯୬୮୮ କୋଟି ୪ଲକ୍ଷ ଟଙ୍କାର ପରିବହନ ଟିକସ ଆଦାୟ ହୋଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ଏବେ ମୋଟ୍ ୯୦,୨୬,୫୬୯ଟି ଯାନ ପଞ୍ଜିକରଣ ହୋଇ ଚଳାଚଳ କରୁଛି। ସେହିଭଳି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୨୩,୨୯୬ଟି ଯାନ ବିଏଚ୍‌ରେ ପଞ୍ଜିକୃତ ହୋଇଛି। ଉକ୍ତ ଯାନଗୁଡ଼ିକ ପଞ୍ଜିକୃତ ସମୟରେ ୨ବର୍ଷ ପାଇଁ ଟିକସ ପ୍ରଦାନ କରିବା ପାଇଁ ନିୟମ ରହିଛି। ପରବର୍ତ୍ତୀ ସମୟରେ ପ୍ରତି ଦୁଇବର୍ଷ ବ୍ୟବଧାନରେ ଟିକସ ଆଦାୟ କରାଯାଇଥାଏ। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ମୋଟରଯାନ ଟିକସ ଆଇନ ୧୭ ଅନୁଯାୟୀ ଟିକସ ଖିଲାପ ଗାଡ଼ିଗୁଡ଼ିକୁ ଜବତ କରିବାର ବ୍ୟବସ୍ଥା ରହିଛି। ଟିକସ ଖିଲାପକାରୀ ଯାନଗୁଡ଼ିକୁ ଦିନକୁ ୧୦୦ ଟଙ୍କା ହିସାବରେ ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିଛି।

## ଅତିରିକ୍ତ ଦାୟିତ୍ୱରେ ୧୦ ଆର୍‌ଟିଓ

**ଭୁବନେଶ୍ୱର, ୨୧।୨(ସମିସ):** ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ ଦପ୍ତର କାର୍ଯ୍ୟ କରୁଥିବା ବେଳେ ଏଠାରେ ୨୫ଜଣ ନିୟମିତ ଆରଟିଓ ଅଛନ୍ତି। ୧୦ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ୧୦ଜଣ ବିଭିନ୍ନ ବର୍ଗର ପଦାଧିକାରୀମାନେ ନିଜର ମୂଳ ପଦ ସହ ଅତିରିକ୍ତ ଭାବେ ଆର୍‌ଟିଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ କହିଛନ୍ତି ଯେ ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦ୍ୱାରା ପରିଚାଳନା ହେଉଥିବା ଆରଟିଓଗୁଡ଼ିକ ହେଲା, ଭୁବନେଶ୍ୱର-୧, କଟକ, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ସୁନ୍ଦରଗଡ଼, ଅନୁଗୋଳ, ଭଦ୍ରକ, ବୌଦ୍ଧ ଓ ଯାଜପୁର। ଭୁବନେଶ୍ୱର-୧ରେ ଦାୟିତ୍ୱରେ ଯୁଗ୍ମ ପରିବହନ କମିଶନର ଥିବା ବେଳେ କଟକ, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଦାୟିତ୍ୱରେ ଉପ-ପରିବହନ ଆୟୁକ୍ତ ରହିଛନ୍ତି। ସେହିପରି ପୁରୀ ଦାୟିତ୍ୱରେ ମୋଟରଯାନ ନିରୀକ୍ଷକ ଏବଂ ସୁନ୍ଦରଗଡ଼ ଓ ଅନୁଗୋଳ ଦାୟିତ୍ୱରେ ଆଞ୍ଚଳିକ ପରିବହନ ପରିବହନ ଅଧିକାରୀ ରହିଛନ୍ତି। ଖାଲି ପଡ଼ିଥିବା ଆରଟିଓ ପଦଗୁଡ଼ିକ ପୂରଣ ନିମନ୍ତେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡିପିସି ମାଧ୍ୟମରେ ବିଭିନ୍ନ ପଦରେ କାର୍ଯ୍ୟ କରୁଥିବା ଯୋଗ୍ୟ ବିବେଚିତ କର୍ମଚାରୀଙ୍କ ଚୟନ କରାଯାଇଛି ଏବଂ ଉକ୍ତ ପଦଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି।

## ଦକ୍ଷିଣ ଓଡ଼ିଶା ପାଇଁ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର, ୨୧।୨(ସମିସ):** ଦକ୍ଷିଣ ଓଡ଼ିଶାରେ ରେଳ ସଂଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ ଏକ ବଡ଼ ପଦକ୍ଷେପସ୍ୱରୂପ ରେଳ ମନ୍ତ୍ରଣାଳୟ ଏହି ଅଞ୍ଚଳର ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ସାମଗ୍ରୀ ଖର୍ଚ୍ଚ ହ୍ରାସ କରିବା ଏବଂ ଆର୍ଥିକ ଅଭିବୃଦ୍ଧିରେ ବିକାଶ ପାଇଁ ଅନେକ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁର କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାଧୁବାଦ ଜଣାଇଛନ୍ତି। ଗତକାଲି ଦିଲ୍ଲୀରେ ରେଳମନ୍ତ୍ରୀଙ୍କୁ ଭେଟି ରେଳ ଭିତ୍ତିଭୂମି ବୃଦ୍ଧି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ।

ପୂର୍ବତଟ ରେଳପଥ ଦେଇଥିବା ସୂଚନା ଅନୁସାରେ, ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ରହିଛି ଗୋପାଳପୁର-ରାୟଗଡା (୨୫୦କିମି) ନୂତନ ରେଳ ଲାଇନ ସହିତ ନୌପଡା-ଗୁଣୁପୁର-ଥେରୁବାଲି ରେଳ ଲାଇନ୍‌ର ଦୋହରୀକରଣ ପ୍ରକଳ୍ପ। ଉପରୋକ୍ତ ଦୁଇଟି ପ୍ରକଳ୍ପ ପାଇଁ ଚଳିତ ମାସ ୧୧ ତାରିଖରେ ଫାଇନାଲ ଲୋକେସନ ସର୍ଭେ ନିମନ୍ତେ ୯.୬୫ କୋଟି ମଞ୍ଜୁର କରାଯାଇଛି। ସେହିପରି ଗୁଣୁପୁର-ଥେରୁବାଲି (୭୩.୬୨କିମି) ନୂତନ ରେଳ ଲାଇନ ପାଇଁ ୧,୩୨୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପଟି ପାଞ୍ଚ ବର୍ଷ ମଧ୍ୟରେ ସମାପ୍ତ ହେବ ଏବଂ ଏଥିପାଇଁ ୪୭୩.୭୮ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ନୂତନ ରେଳ ଲାଇନ କୃଷି ଉତ୍ପାଦ ଏବଂ ଖଣିଜ ପଦାର୍ଥ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଗମ ପରିବହନ, ପରିବହନ ଖର୍ଚ୍ଚ ହ୍ରାସ କରିବ। ଗୁଣୁପୁର-ଥେରୁବାଲି ନୂତନ ରେଳଲାଇନ୍ ପ୍ରକଳ୍ପରେ ସାତଟି ନୂତନ ଷ୍ଟେସନର ବିକାଶ ଦ୍ୱାରା ଆକାଂକ୍ଷୀ ରାୟଗଡ଼ା ଜିଲ୍ଲା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଯାତାୟାତ ଉନ୍ନତ ହେବ।

■ ୩୩ ବର୍ଷ ପରେ ମାମଲା ଫଏସଲା କଲେ ହାଇକୋର୍ଟ

## ନିମ୍ନ ଅଦାଲତଙ୍କ ଆଦେଶ କାଏମ ସତ୍ତ୍ୱେ ଖଲାସ ହେବେ ଅଭିଯୁକ୍ତ

**କଟକ, ୨୧।୨(ସମିସ):** ବିବାହର ପ୍ରତିଶ୍ରୁତି ଦେଇ ଜଣେ ନାବାଳିକା ସହ ଶାରୀରିକ ସମ୍ପର୍କ ରଖିବା ଓ ପୀଡ଼ିତାଜଣଙ୍କ ୪ମାସର ଗର୍ଭବତୀ ହେବା ପରେ ତାଙ୍କ ଗର୍ଭନଷ୍ଟ କରାଇବା ଭଳି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତକୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଇତିମଧ୍ୟରେ ଘଟଣାର ଦୀର୍ଘ ୩୩ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ଦୃଷ୍ଟିରେ ରଖି ଆବେଦନକାରୀ ଅଭିଯୁକ୍ତଜଣଙ୍କୁ ପିଓଏ (ପ୍ରୋବେସନ ଅଫ ଅଫେନଡର୍ସ ଆକ୍ଟ-୧୯୫୮) ଅନୁସାରେ ନିମ୍ନ ଅଦାଲତ ଖଲାସ କରିବେ ବୋଲି ହାଇକୋର୍ଟ କହିଛନ୍ତି। ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ୧୯୯୩ ମସିହାରେ ଅର୍ଥାତ୍ ୩୨ବର୍ଷ ତଳେ ଅଭିଯୁକ୍ତଜଣଙ୍କ ଦାୟର କରିଥିବା ଆବେଦନରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଏପରି ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ।

### ବଢ଼ିଚାଲିଛି ବାଲିଚୋରଙ୍କ ଉତ୍ପାତ

## ରାତିକରେ ଧରାପଡ଼ିଲା ୩୩ ଡମ୍ଫର



**ବାଲେଶ୍ୱର / ରାଇବଣିଆ, ୨୧।୨ (ସମିସ):** ବାଲେଶ୍ୱର ଜିଲ୍ଲାରେ ଖଣିମାଫିଆଙ୍କୁ ମିଳିଚାଲିଛି ଅହେତୁକ ଅନୁକମ୍ପା। ବର୍ତ୍ତମାନର ପରିବର୍ତ୍ତିତ ଶାସନ ବ୍ୟବସ୍ଥା ଖଣି ମାଫିଆଙ୍କ ବେଶ୍ ସୁହାଉଛି। ଖଣି ମାଫିଆଙ୍କୁ ରାଜନୈତିକ ସୁରକ୍ଷା ସହ ପ୍ରଶାସନିକ ଉଦାସୀନତା ସରକାରଙ୍କ ପାଇଁ ଗଳଗ୍ରହ ପାଲଟି ଯାଇଛି। ଏନ୍‌ଜିଟି ଆଳ ଦେଖାଇ ବାଲି ସୈରାତ୍ ସବୁର ନିଲାମୀ ହେଉନଥିବା ବେଳେ ବାଲି ମାଫିଆଙ୍କୁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦେଇଛନ୍ତି। ଖଣି ବିଭାଗର ଉପରିସ୍ଥ ଅଧିକାରୀମାନେ ସିଧାସଳଖ ବାଲି ଚୋରା କାରବାରରେ ସଂପୃକ୍ତ ମାଫିଆଙ୍କୁ ସାହାଣ ଖୋଲି ଦେଇଛନ୍ତି। ପ୍ରତିଦିନ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବସ୍ତା ତହସିଲରେ ଥିବା ଅଧିକାଂଶ ବାଲି ସୈରାତ୍‌ରୁ ଶହ ଶହ ଟ୍ରକ୍ ବାଲି ପଡ଼ୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ଏଥିପ୍ରତି ସ୍ଥାନୀୟ ପୁଲିସ୍ ଓ ବିଭାଗୀୟ ଅଧିକାରୀ ଆଖି ବୁଜି ଶୋଇବା ସହିତ ଅଘୋଷିତ ମେଣ୍ଟ କରି ଚୋରା କାରବାରର ସିଣ୍ଡିକେଟ୍ ଚଳାଇଛନ୍ତି। ମାଫିଆଙ୍କ ଦୌରାତ୍ମ୍ୟ ଏତେ ବଢ଼ିଯାଇଛି ଯେ ଗତ ଚାରିମାସ ମଧ୍ୟରେ ସୁବର୍ଣ୍ଣରେଖା ନଦୀର ବାଲି ଶଯ୍ୟାକୁ କୋରି ଖାଇଗଲେଣି। କୋଟିକୋଟି ଟଙ୍କାର ସରକାରୀ ରାଜସ୍ୱ ରାଜ୍ୟ ସରକାର ହରାଇସାରିଛି। ଏନେଇ ଖଣି ବିଭାଗ ହାତବାନ୍ଧି ବସିଯିବା ସହିତ ତଳୁ ଉପର ପର୍ଯ୍ୟନ୍ତ ଅଧିକାରୀ ଚୋରିକୁ ପରୋକ୍ଷରେ ପ୍ରୋତ୍ସାହନ ଦେଇ ଆସୁଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଗତକାଲି ରାତିରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଅତର୍କିତ ଚଢ଼ଉ କରି ୯୦ରୁ ଅଧିକ ଡମ୍ଫରରେ ପଡ଼ୋଶୀ ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ ହେଉଥିବାର ପ୍ରମାଣ ସଂଗ୍ରହ କରିଥିଲେ। ୬୦ ନମ୍ବର ଜାତୀୟ ରାଜପଥରେ ଏହି ବାଲି ଡମ୍ଫର ଯାଉଥିବା ବେଳେ ଯାଞ୍ଚ ବେଳେ କିଛି ଗାଡ଼ି ଖସିଯାଇଥିବା ବେଳେ ୩୩ରୁ ଅଧିକ ଗାଡ଼ି ରାଜରାସ୍ତା ପାର୍ଶ୍ୱରେ ଥିବା ଗାୟତ୍ରୀ ପେଟ୍ରୋଲ୍ ପମ୍ପରେ ଛିଡ଼ା କରି ଡ୍ରାଇଭରମାନେ ଚମ୍ପଟ ମାରିଥିଲେ। ୩୩ଟି ଡମ୍ଫର ତହସିଲଦାର ଶ୍ରୀ ମହାନ୍ତି ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ୬୦ ନମ୍ବର ଜାତୀୟ ରାଜପଥର ଜଳେଶ୍ୱରରୁ ବସ୍ତା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟକ ଚୋରା ବାଲି ବୋଝେଇ ଗାଡ଼ି ଛିଡ଼ା ହୋଇଥିବା ନେଇ ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିକ୍ରେ ଘଟଣାସ୍ଥଳ ପରିଦର୍ଶନ ପରେ ଜବତ ଗାଡ଼ିକୁ ଜଳେଶ୍ୱର କୋର୍ଟ ପରିସରକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ବେଆଇନ ବାଲି, ମୋରମ୍ ଓ ମାଟି ଚୋରା ଚାଲାଣ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ଅତର୍କିତ ଚଢ଼ଉ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଫାଇନାନ୍ସ କର୍ମଚାରୀଙ୍କୁ ହାଣି ଲୁଟିଲେ ୫.୯୨ ଲକ୍ଷ

**ସୋର,୨୧।୨(ସମିସ):** ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଭୁଜାଲିରେ ହାଣି ଦୁର୍ବୃତ୍ତମାନେ ୫ଲକ୍ଷ ୯୨ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ଯୁବକଜଣଙ୍କ ହେଲେ, ସନ୍ତୋଷ କୁମାର ସା। ସେ ଉକ୍ତ ଟଙ୍କା



ଦାଣ୍ଡହରିପୁର ଏଚଡିଏଫସି ବ୍ୟାଙ୍କ ଶାଖାରେ ଜମା କରିବା ପାଇଁ ଏକ ବାଇକ୍‌ରେ ଯାଉଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା। ଦୁଇଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ନାୟକବନ୍ଧ ଛକ ନିକଟରେ ଅଟକାଇଥିଲେ। ପରେ ତାଙ୍କୁ ବନ୍ଧୁକ, ଭୁଜାଲି ଏବଂ ଖଣ୍ଡା ଦେଖାଇ ଭୟଭୀତ କରାଇଥିଲେ। ତେବେ ସନ୍ତୋଷ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଖଣ୍ଡା, ଭୁଜାଲିରେ ହାଣି ସବୁତକ ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ସନ୍ତୋଷଙ୍କୁ ସୋର ମେଡିକାଲରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

■ ବାଲିଆ କଲେଜ ଛାତ୍ରୀ ଅସଦାଚରଣ ମାମଲା

## କଲେଜ ଅଧ୍ୟକ୍ଷଙ୍କ କୋର୍ଟରେ ଆତ୍ମସମର୍ପଣ

**ବରୀ, ୨୧।୨ (ସମିସ):** ବହୁଚର୍ଚ୍ଚିତ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର କଲେଜରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଅଭିଯୁକ୍ତ ଥିବା କଲେଜ ଅଧ୍ୟକ୍ଷ ସୁଧୀର ରାଉତ ଆଜି ଯାଜପୁର ଏସ୍‌ଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଅଦାଲତ ଶ୍ରୀ ରାଉତଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ତେବେ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, କଲେଜର ଛାତ୍ରୀଜଣକ ଅଧ୍ୟାପକ ବିଦ୍ୟାଧର ଧଳଙ୍କ ବିରୋଧରେ ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଛାତ୍ର ଆନ୍ଦୋଳନ ଦେଖାଦେବା ସହ ବିଜେଡି ଓ କଂଗ୍ରେସ ପକ୍ଷରୁ ମଧ୍ୟ ଆନ୍ଦୋଳନ କରାଯାଇଥିଲା। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଥାନା ଘେରାଉ କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଏବେ ବି ଫେରାର ଅଛି। ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବେଳେ ଏଥିରେ ସଂପୃକ୍ତ ଥିବା ଅନ୍ୟ ୩ ଜଣ ପୂର୍ବରୁ ଗିରଫ ହୋଇଥିଲେ। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ କାହିଁକି ପୁଲିସ ଗିରଫ କରିପାରୁନି; ତାକୁ ନେଇ ବିଜେଡି ପ୍ରଶ୍ନ କରିଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବ ବୋଲି ପୁଲିସ୍ କହିଛି।



ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ସମ୍ପର୍କରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି।

## ପତ୍ନୀହନ୍ତାକୁ ଆଜୀବନ

**ବାରିପଦା, ୨୧।୨(ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧) ସତ୍ୟନାରାୟଣ ପାତ୍ର ଶୁକ୍ରବାର ଜଣେ ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଗୌରମୋହନ ସିଂ(୬୭)। ସୂଚନାଯୋଗ୍ୟ, ଗତ ୨୦୨୨ ନଭେମ୍ବର ପହିଲା ରାତିରେ ଗୌରମୋହନ ଏକ ଠେଙ୍ଗା ଓ ଧାରୁଆ ଅସ୍ତ୍ରରେ ପତ୍ନୀ ବୈଶାଖୀଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା।

### ମଙ୍ଗଳପୁରରେ ଡକାୟତି

## ବନ୍ଧୁକ ଦେଖାଇ ଲୁଟିଲେ ସୁନାଚେନ୍

**କଯାଁଗୋଲା/ଦଶରଥପୁର, ୨୧।୨(ସମିସ):** ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଧୀନ ଚଷାଖଣ୍ଡ ପଞ୍ଚାୟତର ବୋତଲଟାଙ୍ଗ ଗ୍ରାମରୁ ଗତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହାତରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ଗାଁର ମନ୍ଦୋଦରୀ ଦାସଙ୍କ ଘରୁ ସୁନା ଚେନ୍, କିଛି ଦାମୀ ମୋବାଇଲ୍ ଲୁଟି ନେଇଛନ୍ତି। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି କହିଛନ୍ତି। ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୯ଟାରେ ମନ୍ଦୋଦରୀଙ୍କ ସହ ପରିବାର ସଦସ୍ୟ ଘରେ ଟିଭି ଦେଖୁଥିବା ବେଳେ ଡକାୟତମାନେ ତାଙ୍କ ଘର ଭିତରକୁ ଧସେଇ ପଶିଥିଲେ। ଘରଲୋକଙ୍କୁ ଭୟଭୀତ କରିବା ପାଇଁ ସେମାନେ ଗୁଳି ଫୁଟାଇଥିଲେ। ମନ୍ଦୋଦରୀଙ୍କ ବଡ଼ ଝିଅଙ୍କୁ ଗୋଟିଏ ଘରେ ପୂରାଇ କବାଟ ଦେଇ ଦେବାପରେ ଘରୁ ସୁନା ଚେନ୍, ଦାମୀ ଆଇଫୋନ୍ ଓ ଅନ୍ୟ ତିନିଟି ସ୍ମାର୍ଟଫୋନ୍ ଲୁଟି ନେଇଥିଲେ। ତେବେ ମନ୍ଦୋଦରୀଙ୍କ ବଡ଼ ଝିଅ ଝରକା ପଟେ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଡକାୟତମାନେ ସେଠାରୁ ଚମ୍ପଟ୍ ମାରିଥିଲେ। ରାତିରେ ଖବର ପାଇ ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କର, ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ପହଞ୍ଚି ତଦନ୍ତ କରିଥିଲେ। ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ପହଞ୍ଚି ସ୍ଥାନୀୟ ଲୋକ, ମନ୍ଦୋଦରୀ ଓ ତାଙ୍କ ଝିଅଙ୍କୁ ପଚରାଉଚରା କରିଛନ୍ତି। ସୂଚନାଯୋଗ୍ୟ, ଯାଜପୁରରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି।

### ହାଇକୋର୍ଟରେ ହସପିଟାଲ ଅଗ୍ନି ନିରାପତ୍ତା ଯାଞ୍ଚ ରିପୋର୍ଟ ପ୍ରସଂଗ

## ୧୦ଦିନ ସମୟ ନେଲେ ରାଜ୍ୟ ସରକାର

**କଟକ,୨୧।୨(ସମିସ):** ହସ୍ପିଟାଲକୁ ପ୍ରଦାନ କରାଯାଉଥିବା ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ନିର୍ଦ୍ଦିଷ୍ଟ ଅବଧି ଶେଷ ତାରିଖ ଉଲ୍ଲେଖ କରାଯାଇନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟର ସମସ୍ତ ହସପିଟାଲଗୁଡ଼ିକର ଅଗ୍ନିନିରାପତ୍ତା ସ୍ଥିତି ଓ ନିରାପତ୍ତା ଯାଞ୍ଚ ରିପୋର୍ଟ ଉପସ୍ଥାପନ କରିପାରିନାହାନ୍ତି ରାଜ୍ୟ ସରକାର। ଏଥିପାଇଁ ସରକାର ଆଉ ୧୦ଦିନ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଆସନ୍ତା ମାର୍ଚ୍ଚ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। କେନ୍ଦ୍ରାପଡ଼ାର ଏକ ଘରୋଇ ହସପିଟାଲ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି ଅଗ୍ନିଶମ ବିଭାଗ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ରକୁ ହାଲୁକା ଭାବେ ଗ୍ରହଣ କରାଯାଉଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ସମସ୍ତ ହସପିଟାଲର ଅଗ୍ନି ନିରାପତ୍ତା ଯାଞ୍ଚ ରିପୋର୍ଟକୁ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ରାଜ୍ୟ ଅଗ୍ନିଶମ ବିଭାଗର ଡିଜିଙ୍କୁ ହାଇକୋର୍ଟ ଗତ ଜାନୁଆରି୨୯ରେ ନିର୍ଦ୍ଦେଶ ଦେଇଥିଲେ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ହସପିଟାଲର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଗତ ୨୦୨୦ ଅଗଷ୍ଟ ୧୬ରେ ଜାରି କରାଯାଇଥିଲେ ସୁଦ୍ଧା ଏହାର ବୈଧତା ସମୟ ଉଲ୍ଲେଖନଥିବା ବେଳେ କେନ୍ଦ୍ରାପଡ଼ା ସିଡିଏମ୍‌ଓଙ୍କ ପକ୍ଷରୁ ଗତ ୨୦୨୪ ଅକ୍ଟୋବର ୧୯ରେ ଏହାକୁ ବନ୍ଦ କରିବାକୁ ନୋଟିସ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ



**ଭୁବନେଶ୍ୱର,୨୧।୨(ସମିସ):** ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଡ. ମିହିର ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ସମାଜସେବୀ ପଦ୍ମଚରଣ ନାୟକ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକମାନେ ସମାଜକୁ ଦିଗଦର୍ଶନ ଦେବାରେ ବ୍ରତୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏହାସହ ସମାଜ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଡ. ଅମିୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. କୈଳାସ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର୍ ଧନେଶ୍ୱର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିବା ବେଳେ ଉପସଭାପତି ଡ. ନାରାୟଣ ମହାନ୍ତି ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୧ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତନ୍ମଧ୍ୟରେ ପ୍ରଫେସର ଅଖିଳକୃଷ୍ଣ ପାଣିଗ୍ରାହୀ, ଅଯୋଧ୍ୟା ପ୍ରସାଦ ନାୟକ, ଅଲେଖ ଚନ୍ଦ୍ର ନାୟକ, କୁମର ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପଟ୍ଟନାୟକ, କେ. ଗୋପାଳ ରାଜୁ, ଗିରିଜା ପ୍ରସାଦ ଆଚାର୍ଯ୍ୟ, ଜଗନ୍ନାଥ ସା, ଦେବେନ୍ଦ୍ରନାଥ ରାଉତ, ନିତ୍ୟାନନ୍ଦ ସାହୁ, ପ୍ରଭାତୀ ଦାଶ, ବିଜୟା ମିଶ୍ର, ବୃନ୍ଦାବନ ବିହାରୀ ମିଶ୍ର, ବ୍ରହ୍ମାନନ୍ଦ ମହାନ୍ତି, ଭିକାରି ଚରଣ ରଥ, ରତ୍ନାକର ପାଢ଼ୀ, ଶୈଳେନ୍ଦ୍ର କୁମାର ମହାପାତ୍ର, ସୁବାସିନୀ ଲେଙ୍କା, ସୁନ୍ଦର ନାରାୟଣ ପାତ୍ର, ହରିକୃଷ୍ଣ ଦାଶ ଓ ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଡ. ବିଦ୍ୟୁତପ୍ରଭା ଗନ୍ତାୟତ ଓ ଡ. ଆହ୍ଲାଦିନୀ ଧୀର ମଞ୍ଚ ପରିଚାଳନା କରିଥିଲେ।

### ସୋଆରେ ବିଶ୍ୱ ମାତୃଭାଷା ଦିବସ

## 'ମାତୃଭାଷାକୁ ବଞ୍ଚାଇ ରଖିବା ପ୍ରୟାସ ନିଜଠାରୁ ଆରମ୍ଭ ହେଉ'

**ଭୁବନେଶ୍ୱର,୨୧।୨(ସମିସ):** ବିଶ୍ୱରେ ୭ ହଜାରରୁ ଊର୍ଦ୍ଧ୍ୱ ଭାଷା ରହିଥିବା ବେଳେ ତନ୍ମଧ୍ୟରୁ ଅନେକ ଲୋପ ପାଇବାକୁ ବସିଲାଣି। ଓଡ଼ିଆ ଏକ ସମୃଦ୍ଧ ଭାଷା ଓ ଏହା ଶାସ୍ତ୍ରୀୟ ମାନ୍ୟତା



ପାଇଛି। ତେଣୁ ଆମେ ଆମ ମାତୃଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ନିଜଠାରୁ ପ୍ରୟାସ ଆରମ୍ଭ କରିବା ଆବଶ୍ୟକ। ନିଜଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଦୀର୍ଘସ୍ଥାୟୀ ହୋଇଥାଏ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ମାତୃଭାଷା ଦିବସରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ବିଶିଷ୍ଟ ଐତିହାସିକ ଡ଼. ନିବେଦିତା ମହାନ୍ତି ଅତିଥି ରୂପେ ଯୋଗ ଦେଇ ମାତୃଭାଷା ପ୍ରତି ପ୍ରତିବଦ୍ଧତା ବ୍ୟକ୍ତିକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିଛନ୍ତି। ନାରୀମାନଙ୍କୁ ନେଇ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଥିବା ଫକୀର ମୋହନ ସେନାପତିଙ୍କ ସାହିତ୍ୟରେ ବର୍ଣ୍ଣନା ଥିବା ଉଲ୍ଲେଖ କରି ମାତୃଭାଷା ହିଁ ଭାବ ପ୍ରକାଶର ଶ୍ରେଷ୍ଠ ଭାଷା ବୋଲି କହିଛନ୍ତି। ବିଶିଷ୍ଟ କବୟିତ୍ରୀ ଡ. ଅପର୍ଣ୍ଣା ମହାନ୍ତି ମାତୃଭାଷାକୁ ମା' ସହ ଜଡ଼ିତ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ମା' ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଛନ୍ତି। ରମାଦେବୀ ମହିଳା ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଡ. ମାନସ ବେହେରା 'ଓଡ଼ିଆ ଭାଷାର ପ୍ରାୟୋଜିତ ସମ୍ଭାବନା: ଇତିହାସ ପୃଷ୍ଠଭୂମିରେ' ପ୍ରସଙ୍ଗରେ ଆଲୋଚନା ଅବସରରେ ଓଡ଼ିଆ ଭାଷାକୁ ସବୁସ୍ତରରେ ପ୍ରଚଳିତ କରିବା ପାଇଁ ସରକାରୀସ୍ତରରେ ପ୍ରଚେଷ୍ଟା ହେବା ଜରୁରି ବୋଲି ସେ ମତ ଦେଇଛନ୍ତି।

ସୋଆ ପରିଚାଳିତ 'ପ୍ରାଚୀନ୍'ର ମୁଖ୍ୟ ତଥା ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଅଭିଭାଷଣରେ ଓଡ଼ିଆ ଭାଷାକୁ ବଞ୍ଚାଇବା ସହ ପ୍ରତ୍ୟେକ ପରିବାର ତଥା ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ମାତୃଭାଷା ପ୍ରତି ଆଦର ପ୍ରଥମେ ପରିବାରରୁ ସୃଷ୍ଟି ହେଉ, ପିଲାମାନଙ୍କ ମନରେ ମାତୃଭାଷା ପ୍ରତି ଶ୍ରଦ୍ଧା ଜାଗ୍ରତ କରାଯାଉ। ଏହାଦ୍ୱାରା ମାତୃଭାଷାର ବିକାଶ ହୋଇ ପାରିବ ବୋଲି ପ୍ରଫେସର ଗାୟତ୍ରୀବାଳା ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମକୁ 'ପ୍ରାଚୀନ୍'ର ଆନ୍ଥ୍ରୋପୋଲଜି ଓ ଟ୍ରାଇବାଲ୍ ଷ୍ଟଡିଜ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ନିହାର ରଞ୍ଜନ ମିଶ୍ର ପରିଚାଳନା କରିଥିବାବେଳେ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ। ସାରୋଳଦାସ ମହାଭାରଥର ସମ୍ପାଦକ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ଧ୍ରରେ ୩ ଓଡ଼ିଆ ମହିଳା ଅଟକ

**ଦିଗପହଣ୍ଡି, ୨୧।୨ (ସମିସ):** ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ମଙ୍ଗଳତୁରୁ ନିକଟ ଭାରମା ମେରାଇନ୍‌ର ଏକ ଲେଡିଜ୍ ହଷ୍ଟେଲରେ ୩ଜଣ ଓଡ଼ିଆ ମହିଳା ବେଆଇନ ଭାବେ ଅଟକ ରହିଥିବା ଅଭିଯୋଗ ହୋଇଛି। ଏକ ଘରୋଇ କମ୍ପାନୀ ପକ୍ଷରୁ ସେମାନଙ୍କୁ ଦୀର୍ଘ ୩ମାସ ହେଲା ପାରିଶ୍ରମିକ ଦିଆଯାଇ ନଥିବା ବେଳେ ଘରକୁ ଫେରିବାକୁ ସୁଯୋଗ ଦିଆଯାଉନଥିବା ସୂଚନା ମିଳିଛି। ଅଟକ ମହିଳାମାନେ ହେଲେ, ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ଲକ୍ଷ୍ମୀ ଓରଫ୍ ବେବିନା ସେଠୀ, ସୁବୁଦ୍ଧି ନାୟକ ଏବଂ ଶ୍ରୀୟା ନାୟକ। ମାଆଙ୍କର ଦେହ ଖରାପ ରହିଥିବାରୁ ଲକ୍ଷ୍ମୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଓଲଟି ତାଙ୍କୁ ହତ୍ୟା ଧମକ ସହ ନାନାଦି ନିର୍ଯାତନା ଦିଆଯାଉଥିବା ସେ କାନ୍ଦି କାନ୍ଦି ଫୋନ ଯୋଗେ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଉଦ୍ଧାର କରିବାକୁ ସେମାନେ ନେହୁରା ହୋଇଛନ୍ତି।



# ସିଟି କଟକ

## ବେଲେଶ୍ୱର ଡବଲ୍ ମର୍ଡର ଘଟଣା

# ଟଙ୍କା ଓ ଜମି ହାତେଇବାକୁ ଷଡ଼ଯନ୍ତ୍ର!



ଫାଇଲ୍ ଫଟୋ

- ସରିଲା ୨ ଦିନିଆ ରିମାଣ୍ଡ; ମାରାଥନ୍ ଜେରା ପରେ ଜେଲ୍ ଗଲା ଏମାନ୍
- ଦମ୍ପତି ହତ୍ୟା ପଛରେ 'ପ୍ରଭାବଶାଳୀ ବ୍ୟକ୍ତି'ଙ୍କ ଖୋଳତାଡ଼ କରୁଛି ପୁଲିସ

କଟକ, ୨୧।୨(ସମିସ)

ବହୁଚର୍ଚ୍ଚିତ ବେଲେଶ୍ୱର ଡବଲ୍ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଓରଫ୍ ଏମାନ୍ ସମଦକୁ ମଧୁପାଟଣା ଥାନା ପୁଲିସ ୨ଦିନିଆ ରିମାଣ୍ଡରେ ଆଣି ଶୁକ୍ରବାର ଜେରା ଶେଷ କରିଛି। ଶେଷ ଦିନର ମାରାଥନ୍ ଜେରା ସମୟରେ ପୁଲିସ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଘରର ଚାକରାଣୀ ଏବଂ ତା'ସ୍ୱାମୀ ସନ୍ତୋଷ ହତ୍ୟାକାରୀ ନା ଆଉ କିଏ ପ୍ରଭାବଶାଳୀ ବ୍ୟକ୍ତି ଏହି ହତ୍ୟାକାଣ୍ଡର ମୁଖ୍ୟ ସୂତ୍ରଧର, ତାହାକୁ ନେଇ ପୁଲିସ ତଦନ୍ତକୁ ବ୍ୟାପକ କରିଛି।

ପୁଲିସ ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳର କିଛି ପ୍ରଭାବଶାଳୀ ବ୍ୟକ୍ତି ମୃତକଙ୍କ ଜମି ହାତେଇବାକୁ ଚକ୍ରାନ୍ତ କରିଥିଲେ। ତେବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜମିକୁ ହାତେଇବାକୁ ଘରର ଚାକରାଣୀ ଓ ତା'ସ୍ୱାମୀ ସନ୍ତୋଷକୁ ସୁପାରି ଦେଇ ଏହି ହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରିଛି। ଏହାକୁ ଭିତ୍ତି କରି ୨ଦିନିଆ ରିମାଣ୍ଡରେ ସନ୍ତୋଷକୁ ଆଣି ମାରାଥନ୍ ଜେରା କରିଥିଲା। ଗତକାଲି ଜେରା ସମୟରେ ଅଭିଯୁକ୍ତ ସନ୍ତୋଷ ପୁରୁଣା କଥାକୁ ଦୋହରାଇଥିବା ବେଳେ ଆଜି ଏହି ହତ୍ୟାକାଣ୍ଡ ସହିତ ସମ୍ପୃକ୍ତ ଥିବା ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ବିଷୟରେ ସୂଚନା ଦେଇଛି। ମଧୁପାଟଣା ଥାନା ପୁଲିସ ହତ୍ୟାକାଣ୍ଡ ପଛରେ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ ଦୃଷ୍ଟିରୁ କୌଣସି ସୂଚନା ଦେବାକୁ ମନା କରିଛି। ସନ୍ଧ୍ୟାରେ ସନ୍ତୋଷକୁ ଜେରା କରି ସାରିବା ପରେ କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ଦ୍ୱିତୀୟ ଦିନର ଜେରା ସମୟରେ ଅଭିଯୁକ୍ତ ସନ୍ତୋଷକୁ ସ୍ପେସାଲ୍ ସ୍କ୍ୱାଡ୍ ଏବଂ ମାମଲାର ତଦନ୍ତକାରୀ ଅଫିସର ଡିଆଇବି ଏସିପି ମନୋଜ ଶତପଥୀ ଜେରା କରିଥିଲେ। ଏହାପରେ ପୁଣିଥରେ ଅଭିଯୁକ୍ତକୁ ବେଲେଶ୍ୱରରେ ଥିବା ମୃତକଙ୍କ ଘର ତଥା ଘଟଣାସ୍ଥଳକୁ ନିଆଯାଇଥିଲା। ଖୁବଶୀଘ୍ର ଏହି ହତ୍ୟାକାଣ୍ଡ ପଛରେ ଥିବା ଅନ୍ୟ ଅଭିଯୁକ୍ତଙ୍କ ନାଁ ସାମ୍ନାକୁ ଆସିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ବେଲେଶ୍ୱର ହତ୍ୟାକାଣ୍ଡରେ ପରେ ସନ୍ତୋଷ ହତ୍ୟାକାଣ୍ଡକୁ ନେଇ ଅନୁତପ୍ତ ଥିଲା। ୩ ଥର ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଭୟରେ ସେ ଆତ୍ମସମର୍ପଣ କରି ନଥିବା ପୁଲିସ ସାମ୍ନାରେ ଗତକାଲି ରିମାଣ୍ଡର ପ୍ରଥମ ଦିନରେ ସୂଚନା ଦେଇଥିଲା।

ପ୍ରକାଶ ଥାଉ କି, ସନ୍ତୋଷକୁ ରିମାଣ୍ଡରେ ଆଣିବା ପାଇଁ ଗତ ସୋମବାର କଟକ କମିସନରେଟ୍ ପୁଲିସ ପକ୍ଷରୁ ଜେଏମଏଫସି-୪ କୋର୍ଟରେ ଆବେଦନ କରାଯାଇଥିଲା। ପୁଲିସ ୫ ଦିନିଆ ରିମାଣ୍ଡ ଆବେଦନ କରିଥିବା ବେଳେ କୋର୍ଟ ୨ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ମଧୁପାଟଣା ଥାନା ବେଲେଶ୍ୱର ଅଞ୍ଚଳର ଏଫ୍‌ସିଆଇର ଅବସରପ୍ରାପ୍ତ ଅଧିକାରୀ ଶ୍ରୀନାଥ ସାମଲ ଏବଂ ପତ୍ନୀ ବିଦୁଲତା ସାମଲଙ୍କୁ ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ କଟୁରିରେ ହାଣି ହତ୍ୟା କରାଯାଇଥିଲା। ଶେଷରେ ଗତ ୧୪ ତାରିଖରେ ପୁଲିସ ଏହି ଘଟଣାରୁ ପରଦା ହଟାଇବାରେ ସଫଳ ହୋଇଥିଲା। ଏହି ହତ୍ୟାକାଣ୍ଡ ପଛରେ ସମ୍ପୃକ୍ତ କାମବାଲି ବାସନ୍ତୀ ସମଦ ଓ ତା' ସ୍ୱାମୀ ସନ୍ତୋଷକୁ ପୁଲିସ ଗିରଫ କରିଥିଲା। ତେବେ ବାସନ୍ତୀ ବିଭିନ୍ନ ସମୟରେ ଶ୍ରୀନାଥଙ୍କ ନିକଟରୁ ଅଳ୍ପ କିଛି ଟଙ୍କା ଧାର ସୂତ୍ରରେ ନେଇଥିଲା। ଏହି ଟଙ୍କା ଶ୍ରୀନାଥ ମାଗିବାରୁ ସେ ଫେରାଉ ନ ଥିଲା। ଏହି ଘଟଣାକୁ ନେଇ ଶ୍ରୀନାଥ ଉଭୟ ବାସନ୍ତୀ ଓ ସନ୍ତୋଷକୁ ଗାଳିଗୁଲଜ କରିଥିଲେ। ଏହି ରାଗରେ ସନ୍ତୋଷ ଯୋଜନାବଦ୍ଧ ହତ୍ୟାକାଣ୍ଡ କରିଥିବା ପୁଲିସ ସାମନାରେ ସ୍ୱୀକାର କରିଛି। ଏହାକୁ ନେଇ ପୁଲିସ ସନ୍ଦେହ ଉପୁଜିବାରୁ ପୁଲିସ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିଛି।

## ଦୁର୍ଘଟଣାରେ ଯୁବକ ମୃତ; ହାଇଡ୍ରା ଚାଳକ ଗିରଫ

କଟକ, ୨୧।୨(ସମିସ): ମହାନଦୀ ଙ୍ଗିବନ୍ଧରେ ଏକ ଦ୍ରୁତଗାମୀ ହାଇଡ୍ରା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସଚ୍ଚିନ ରଜତ ବେହେରା(୩୫)। ଏହି ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ହାଇଡ୍ରାକୁ ଜବତ କରିବା ସହ ଅଭିଯୁକ୍ତ ଚାଳକକୁ ଗିରଫ କରିଛି। ଯୋବ୍ରା ସାମୁଦ୍ରିକ ସଂଗ୍ରହାଳୟ ନିକଟ ଙ୍ଗିବନ୍ଧ କଡରେ ସଚ୍ଚିନ ଏକ କୁଡ଼ିଆ ଘର କରି ସପରିବାର ରହୁଥିଲେ। ଗତକାଲି ଅପରାହ୍ନ ପ୍ରାୟ ସାଢେ ୪ଟା ବେଳେ ସଚ୍ଚିନ ଙ୍ଗିବନ୍ଧର ଗୋଟିଏ ପାର୍ଶ୍ୱରୁ ଆରପଟକୁ ଆସୁଥିଲେ। ଏତିକିବେଳେ ମାତାମଠ ପଟୁ ଯୋବ୍ରା ଆଡକୁ ଦ୍ରୁତଗତିରେ ଆସୁଥିବା ଏକ





ହାଇଡ୍ରା ତାଙ୍କୁ ଜୋରରେ ଧକ୍କା ଦେଇଥିଲା। ଧକ୍କା ଦେଇ ତାଙ୍କ ଉପରେ ଚଢି ଯାଇଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପତ୍ନୀ ଓ ପୁଅ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଏସସିବି ମେଡିକାଲ ନେଇଯାଇଥିଲେ। ମାତ୍ର ରାତି ପ୍ରାୟ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ ଢଙ୍ଗରେ ଭାରୀଯାନ ଚାଳନାକୁ ବିରୋଧ କରି ଲୋକେ ହାଇଡ୍ରାକୁ ଘେରିଯାଇ ହୋହଲ୍ଲା କରିଥିଲେ। ମଙ୍ଗଳାବାଗ ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ସ୍ଥିତି ସ୍ୱାଭାବିକ ହେବା ପରେ ହାଇଡ୍ରାକୁ ଜବତ କରିଥିଲା। ଦୁର୍ଘଟଣା ଯୋଗୁଁ କିଛି ସମୟ ଧରି ଙ୍ଗିବନ୍ଧରେ ଯାତାୟାତ ପ୍ରଭାବିତ ହୋଇଥିଲା। ଘଟଣା ନେଇ ମୃତକଙ୍କ ପତ୍ନୀଙ୍କ ଏତଲା ଆଧାରରେ ଏଏସଆଇ କାହ୍ନୁଚରଣ ସେଠୀ ଅଭିଯୁକ୍ତ ହାଇଡ୍ରା ଚାଳକ ଖୋର୍ଦ୍ଧା ନିରାକାରପୁର ଅଞ୍ଚଳର ସମୀର ପ୍ରଧାନ (୨୨)କୁ ଗିରଫ କରିଥିଲେ। ତାକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ଧୋଇ ଦେଇ ଗଲା ଅଳପ ବର୍ଷା..

କଟକ, ୨୧।୨(ସମିସ): ସନ୍ଧ୍ୟା ସମୟର ମାତ୍ର ଅଳ୍ପ ସମୟର ବର୍ଷା ଅସ୍ତ୍ୟବସ୍ତ କରିଦେଲା। କାଳବୈଶାଖୀ ଭଳି ପବନ ଆଉ ବର୍ଷାର କୋପ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିଲା। ମାତ୍ର ଅଧଘଣ୍ଟା ଭିତରେ ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହିତ ହୋର୍ଡିଂ ଗୁଡିକ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସହରର ପ୍ରମୁଖ ଛକ ବାଦାମବାଡିରେ ପାଣି ଜମି ରହିବା ଗାଡିମୋଟର ଯାତାୟାତରେ ମଧ୍ୟ ସମସ୍ୟା ଦେଖା ଦେଇଥିଲା।











## ମାଲଗୋଦାମରେ ପଶିଲା ପାଣି

# ୧୫ ମିନିଟ୍‌ର ବର୍ଷା; ଲକ୍ଷାଧିକ ଟଙ୍କାର କ୍ଷତି

କଟକ, ୨୧।୨(ସମିସ): ଅସରାଏ ବଡ଼ବର୍ଷା ହେଲେ କଟକ ମାଲଗୋଦାମର ଅବସ୍ଥା ଶୋଚନୀୟ ହୋଇପଡୁଛି। ବିଶେଷକରି ରାଜ୍ୟର ଏହି ବୃହତ୍ତ ବ୍ୟବସାୟିକ ମଣ୍ଡିରେ ବର୍ଷା ଜଳ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ଆଜି ଯାଏଁ କାର୍ଯ୍ୟକାରୀ ହୋଇପାରୁନାହିଁ। ମାଲଗୋଦାମର ଉଦବୃତ୍ତ ବର୍ଷା ଜଳ ଡ୍ରେନ

### ବେପାର ବନ୍ଦ ଚେତାବନୀ ଦେଲେ ବ୍ୟବସାୟୀ

ଯୋଗେ ତାଳଦଣ୍ଡା କେନାଲକୁ ଚାଲିଯାଇଥାଏ; ହେଲେ ଏହାକୁ ବନ୍ଦ କରିଦିଆଯାଇଥିବାରୁ ଆଜି ଏକ ଅଭାବନୀୟ ସ୍ଥିତି ଉପୁଜିଛି।

ସଂଧ୍ୟା ସମୟରେ ମାତ୍ର ୧୫-୨୦ ମିନିଟ ପାଇଁ ହୋଇଥିବା ପ୍ରବଳ ବର୍ଷାରେ ମାଲଗୋଦାମ ପରିସରରେ ପାଣି ଲହଡି ମାରିଛି। ବର୍ଷା ପାଣି ବିଭିନ୍ନ ଦୋକାନ ଭିତରକୁ ପଶି ପ୍ରାୟ ଲକ୍ଷାଧିକ ଟଙ୍କାର ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଥିବା କହିଛନ୍ତି ମାଲଗୋଦାମ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ। କଟକ ମହାନଗର ନିଗମ ଲକ୍ଷାଧିକ ଟଙ୍କା ବାର୍ଷିକ ଟିକସ ଆକାରରେ ଗଣି ନେଉଥିବା ବେଳେ ଦୀର୍ଘ ବର୍ଷ ଧରି ମାଲଗୋଦାମରେ ଜଳ ନିଷ୍କାସନ ବ୍ୟବସ୍ଥା କରୁ ନଥିବା ନେଇ ଅଭିଯୋଗ ହୋଇଛି। ମାଲଗୋଦାମ ବିଜୁପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ଥିବା ବରଗଛ ପାଖରେ ଏକ ସଂକୁଚିତ ଡ୍ରେନ ଦେଇ ମାତ୍ର ୩୦ପ୍ରତିଶତ ବର୍ଷା ଜଳ ନିଷ୍କାସନ ହେଉଛି। ଏହି ଡ୍ରେନରେ ବର୍ଷାଜଳ ଠିକ ଭାବେ ନିଷ୍କାସନ ହୋଇପାରୁ ନଥିବା ନେଇ ବ୍ୟବସାୟୀମାନେ ଗତ ୨୦୧୯ରୁ ସିଏମସିରେ ଫେରାଦ ହୋଇଥିଲେ। ଇତିମଧ୍ୟରେ ୬ବର୍ଷ ବିତିଯାଇଥିଲେ ବି ଏଥିପ୍ରତି ସିଏମସି ପକ୍ଷରୁ ଦୃଷ୍ଟି ଦିଆଯାଇନାହିଁ। ଫଳରେ ବ୍ୟବସାୟୀଙ୍କ କ୍ଷତି ହେଉଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଖୁଚୁରା ବ୍ୟବସାୟୀମାନେ ଏଠାକୁ ସାମଗ୍ରୀ କିଣିବାକୁ ଆସିଥାନ୍ତି। ହେଲେ ବର୍ଷା ହେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମାଲଗୋଦାମର ଜଳ ନିଷ୍କାସନ ଓ ପରିମଳ ବ୍ୟବସ୍ଥା ପ୍ରତି ଉପଯୁକ୍ତ ଧ୍ୟାନ ଦେଉନାହିଁ ସିଏମସି। ଛତ୍ରବଜାର ଅର୍ବାନ ହାଟ ନିର୍ମାଣ ପରେ ସମସ୍ତ ଉଦବୃତ୍ତ ବର୍ଷା ଜଳ ମାଲଗୋଦାମ ଭିତରକୁ ନିଷ୍କାସନ ହେଉଛି। ଏହି ସମସ୍ୟାର ସମାଧାନ ନହେଲେ ବ୍ୟବସାୟୀମାନେ ସେମାନଙ୍କ ପ୍ରତିଷ୍ଠାନ ବନ୍ଦ କରିଦେବାକୁ ଚେତାବନୀ ଦେଇଛନ୍ତି।





## କଟକରେ ଜମିଛି କବାଡ଼ି କ୍ରେଜ୍

କଟକ, ୨୧।୨(ସମିସ): ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଜାରି ରହିଛି ୭୧ତମ ବରିଷ୍ଠ ଜାତୀୟ କବାଡି ଚାମ୍ପିଅନସିପ୍। ୩୦ଟି ରାଜ୍ୟ ଏବଂ ୪ଟି ବିଭାଗୀୟ ଦଳ ଏଥିରେ ଭାଗ ନେଇଛନ୍ତି। ଘରୋଇ ପରିବେଶରେ ଓଡ଼ିଶା ଦଳ ବିଜୟ ଧାରା ଅବ୍ୟାହତ ରଖିଛି। ଲଗାତାର ଭାବେ ବିଦର୍ଭ ଏବଂ ଝାଡଖଣ୍ଡକୁ ହରାଇ ଓଡ଼ିଶା ବାହିନୀ ପ୍ରତିଯୋଗିତାରେ ଆଗକୁ ବଢ଼ିଛି। ପ୍ରତିଯୋଗିତାରେ ଦେଖିବାକୁ ମିଳୁଛନ୍ତି କବାଡ଼ି ଜଗତର ଅନେକ ତାରକା ଖେଳାଳି। ପ୍ରୋ-କବାଡି ଲିଗ୍‌ର ୫୦ରୁ ଅଧିକ ନାମୀଦାମୀ ଖେଳାଳି ପ୍ରତିଯୋଗିତାର ଆକର୍ଷଣ ପାଲଟିଛନ୍ତି। ଷ୍ଟାଡିୟମ ପରିସରର ଭବ୍ୟ ଆୟୋଜନ ଭିତରେ କଟକରେ ଜମିଛି କବାଡ଼ି କ୍ରେଜ୍..।













## ବୋକଡ଼ାକୁ ହରାଇ କାନପୁର ଦଳ ଚାମ୍ପିଅନ



ନରସିଂହପୁର, ୨୧।୨ (ସମିସ): ବୋକଡା ମା' ଖମ୍ବେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ଟି ଦଳକୁ ନେଇ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବୋକଡାର ମା ଖମ୍ବେଶ୍ୱରୀ କ୍ରିକେଟ ଟିମକୁ ପାୱାର ହିଟର୍ସ, କାନପୁର ହରାଇ ଚାମ୍ପିଅନ ହୋଇଛି। ବୋକଡା ଦଳ ପ୍ରଥମେ ଟସ୍ ଜିଣି ୧୦ ଓଭରରେ ୯ ୱିକେଟ ହରାଇ ୮୧ ରନ ସଂଗ୍ରହ କରିଥିବା ବେଳେ କାନପୁର ଦଳ ୧୦ ଓଭରରେ ୨ଟି ୱିକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା। ଅତିଥି ରୂପେ ଯୁବ ବିଜୁ ଜନତା ଦଳର ସଭାପତି ନିର୍ମଳ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳି କୁମାରୀ, ସମିତିସଭ୍ୟା ମିନତୀ ସାହୁ, ଗ୍ରାମସଭାପତି ଦେବାର୍ଚ୍ଚନ ଆରୁକ ଯୋଗ ଦେଇଥିଲେ।

## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ, ୨୧।୨(ସମିସ): ଭଟିମୁଣ୍ଡାସ୍ଥିତ ଗାଁରବା ନୋଡାଲ୍ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ଜୀବନାନନ୍ଦ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ଆୟୋଜିତ ଏହି ସଭାରେ ସୁଶୀଳ କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଶିକ୍ଷାଧିକାରିଣୀ କୁନ୍ତଳା ଖଟୁଆ, ସମ୍ମାନିତ ଅତିଥି ଭାବେ କଟକ ସଦର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସରସ୍ୱତୀ କାନୁନଗୋ, ଶିକ୍ଷାବିତ୍ ଅଜୟ କୁମାର ସାହୁ, ଭଗବାନ ସାହୁ, ଶ୍ୟାମସୁନ୍ଦର ବେହେରା, ଗୋପାଳ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ଜୀବନାନନ୍ଦ ଦାସ ରକ୍ତ ଦାନ କରିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଡମ୍ବରୁଧର ପ୍ରଧାନ ଅତିଥି ପରିଚୟ ଓ ଦୀପକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶିକ୍ଷକ ଜୀବନାନନ୍ଦ ଦାସଙ୍କୁ ବାଜା ବଜେଇ ଗ୍ରାମ ପରିକ୍ରମା କରେଇବା ସହ କନ୍ଦରକଣାସ୍ଥିତ ବାସଭବନରେ ଛାଡ଼ି ଆଶୀର୍ବାଦ ନେଇ ଫେରିଥିଲେ।

## ଶିବଶଙ୍କର ସ୍ମାରକୀ କ୍ରିକେଟ: ବିନ୍ଧାଣିମା-ଷ୍ଟାର୍ କ୍ଲବ୍ ଫାଇନାଲ



ଆଠଗଡ଼, ୨୧।୨ (ସମିସ): ଆଠଗଡ଼ ଷ୍ଟାରକ୍ଲବ ଆନୁକୂଲ୍ୟରେ ଆଠଗଡ଼ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ମାଣିଆବନ୍ଧ କ୍ରିକେଟ କ୍ଲବ, ବଡମ୍ବା ଦଳକୁ ୪ ୱିକେଟ ବିନିମୟରେ ହରାଇ ବିନ୍ଧାଣିମା କ୍ରିକେଟ କ୍ଲବ, ତିଗିରିଆ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ମାଣିଆବନ୍ଧ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ବିନିମୟରେ ୨୫୯ ରନ ସଂଗ୍ରହ କରିଥିଲେ। ଜବାବରେ ବିନ୍ଧାଣିମା ଦଳ ୨୬୦ ରନ କରି ବିଜୟଲାଭ କରିଥିଲା। ଫାଇନାଲରେ ବିନ୍ଧାଣିମା ଦଳ ଆୟୋଜକ ଷ୍ଟାର କ୍ଲବକୁ ଭେଟିବ। ଶୁକ୍ରବାର ମ୍ୟାଚ୍‌କୁ ଅମ୍ପାୟର ଭାବେ ଏମଡି ପୈଜାକ ଓ ଶରତ ବେହେରା ପରିଚାଳନା କରିଥିଲେ। ଯୁବ କ୍ରୀଡାବିତ୍ ବବୁଲ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ।

## ସମଗ୍ର ଶିକ୍ଷାଯୋଜନା ଦିଗହରା

# ୮ଟି ଶ୍ରେଣୀକୁ ୪ ଶିକ୍ଷୟିତ୍ରୀ

ଭଦ୍ରେଶ୍ୱର, ୨୧।୨(ସମିସ)

ଶିକ୍ଷାକୁ ସାର୍ବଜନୀନ କରାଇବା ଓ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ପୋଷାକ, ଜୋତାମୌଜା, ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି। ବିଦ୍ୟାଳୟ

**● ଶ୍ରେଣୀକକ୍ଷର ଅଭାବ; ଦାନା ବାନ୍ଧୁଛି ଗଣଆନ୍ଦୋଳନ**

ଗୃହକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯାଉଛି। ଏପରିସ୍ଥଳେ କଟକ ଜିଲ୍ଲା ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଓସ୍ତପୁର ରାଧାକୃଷ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ସମଗ୍ର ଶିକ୍ଷା ଯୋଜନା ଦିଗହରା ହୋଇପଡ଼ିଛି। ଏହି ବିଦ୍ୟାଳୟର ୮ଟି ଶ୍ରେଣୀ ନିମନ୍ତେ ୪ଜଣ ଶିକ୍ଷୟିତ୍ରୀ ରହିଥିଲା ବେଳେ ୫ଟି ଶ୍ରେଣୀକକ୍ଷ ରହିଛି। ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ



ଓସ୍ତପୁର ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଗତ ୧୯୨୧ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ରହିଛି। ଏହି ୮ଟି ଶ୍ରେଣୀରେ ୧୮୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏହି ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଦାନ ନିମନ୍ତେ ୪ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଦୈନନ୍ଦିନ ମାହାଙ୍ଗା ବ୍ଲକରେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଜାରି ରହିଥିବା କାରଣରୁ ବହୁ ସମୟରେ ଜଣେ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ କାମରେ ଯିବାକୁ ପଡ଼ିଥାଏ। ସେହିପରି ଭାବେ କୌଣସି ଦିନ ଜଣେ ଶିକ୍ଷୟିତ୍ରୀଙ୍କ ଦେହ ଅସୁସ୍ଥ ହେଲେ ୩ଜଣ ଶିକ୍ଷୟିତ୍ରୀଙ୍କୁ ନେଇ ବହୁ କଷ୍ଟରେ ଶିକ୍ଷାଦାନ ପ୍ରଦାନ କରାଯାଇଥାଏ। ତେବେ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୪ଜଣ ଶିକ୍ଷୟିତ୍ରୀ କିପରି ଶିକ୍ଷାଦାନ ପ୍ରଦାନ କରୁଥିବେ ଓ ଏଠାରେ ଗୁଣାତ୍ମକ ଶିକ୍ଷାର କିପରି ବିକାଶ ହେଉଥିବ ତାହା ସହଜେ ଅନୁମେୟ। ଅପରପକ୍ଷରେ ଏହି ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବା ନିମନ୍ତେ ମାତ୍ର ୫ଟି ଶ୍ରେଣୀ ଗୃହ ରହିଛି। ଗୋଟିଏ କକ୍ଷରେ ୨-୩ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷାଦାନ ଦିଆଯାଉଛି। ୨ଟି ଶ୍ରେଣୀଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟିକିଏ ବର୍ଷା ହେଲେ ଶ୍ରେଣୀ ଗୃହରୁ ପାଣି ଝରୁଛି। ଫଳରେ ଏହି କକ୍ଷରେ ପାଠ ପଢ଼ାଇବା ସମ୍ଭବପର ହୋଇପାରୁନାହିଁ। ସେହିପରି ଭାବେ ବିଦ୍ୟାଳୟରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାର ସୁବନ୍ଦୋବସ୍ତ ନାହିଁ। ଏଠାରେ ଅଧିକ ପାନୀୟ ନିମନ୍ତେ ନଳକୂପ ଓ ପାଇଖାନାର ଆବଶ୍ୟକତା ରହିଛି। ବିଦ୍ୟାଳୟର ପାଚେରୀ ମଧ୍ୟ ଭାଙ୍ଗିରୁଜି ଯାଇଛି। ତେବେ ସମସ୍ୟା ଜର୍ଜରିତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା କାରଣରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏଠାରେ ପାଠ ପଢ଼ାଇବାକୁ ଉଚିତ ମଣୁନାହାନ୍ତି। ଫଳରେ ବିଦ୍ୟାଳୟର ସମସ୍ୟାକୁ ନେଇ ଅଭିଭାବକ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବା ଜଣାଯାଇଛି।

## ପ୍ରଶାସନିକ ଅବହେଳା; ଭତ୍ତାରୁ ବଞ୍ଚିତ ବହୁ ହିତାଧିକାରୀ

ନିଶ୍ଚିନ୍ତକୋଇଲି, ୨୧।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୮୦ ବର୍ଷିଆ ବୃଦ୍ଧବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରଶାସନର ଅବହେଳା ପାଇଁ ଜାନୁୟାରୀ ମାସରେ ୧୨୦୦ ବଦଳରେ ୧ହଜାର ଟଙ୍କା ଦିଆଯାଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ, ଭତ୍ତା ରାଶି ମିଳିବା ତ ଦୂରର କଥା, ବହୁ ବୃଦ୍ଧବୃଦ୍ଧାଙ୍କ ଟଙ୍କା କାଟି ଦିଆଯାଉଛି। ଏହି ବ୍ଲକର ବସନ୍ତ ଓଝା, ହାଡ଼ିବନ୍ଧୁ ଓଝା, ଗୟାଧର ସେଠୀ, ରବୀନ୍ଦ୍ର ମଲିକ, ରଘୁନାଥ ପ୍ରଧାନ, ରାଜକିଶୋର ନାୟକ, ହାରାମଣୀ ନାୟକ, ବିମ୍ବାଧର ବାରିକ, ଜୟନ୍ତୀ ସେଣ୍ଠ, ବସନ୍ତ ଓଝାଙ୍କ ସମେତ ଶହ ଶହ ହିତାଧିକାରୀଙ୍କ ଦୁଇ ଶହ ଟଙ୍କା କାଟି ଦିଆଯାଇଥିବା ଜଣାପଡ଼ିଛି। ଗତ ଜାନୁୟାରୀ ୪ ତାରିଖରେ ସମସ୍ତ ୮୦ ବର୍ଷିୟା ହିତାଧିକାରୀଙ୍କ ବୟସକୁ ଯାଞ୍ଚ କରି ୧୫ ତାରିଖ ପୂର୍ବରୁ ତାଲିକା ପ୍ରସ୍ତୁତ କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ଏହାକୁ ଠିକଠାକ୍ ନକରିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ତେବେ, ଯେଉଁମାନେ ୮୦ ବର୍ଷିୟା ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ ସେମାନଙ୍କର ୨ ଶହ ଟଙ୍କା ଭତ୍ତା କମ ଦିଆଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ପାତ୍ର କହିଛନ୍ତି। ଏହି ସ୍ଥିତିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଭୋଟର ତାଲିକା ଅନୁଯାୟୀ ସେମାନଙ୍କ ବୟସ ଯାଞ୍ଚ କରାଯିବା ପରେ ତାଙ୍କୁ ବର୍ଦ୍ଧିତ ଭତ୍ତା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୂର୍ବରୁ ପାଉଥିବା ୮୦ବର୍ଷିୟା ହିତାଧିକାରୀଙ୍କୁ ତୁରନ୍ତ ବର୍ଦ୍ଧିତ ହାରରେ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

## ବେଣ୍ଟକାର ଓମ୍‌ଜ୍ୟୋତି ଭବନ ଉଦ୍‌ଘାଟିତ

କନ୍ଦରପୁର, ୨୧।୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେଣ୍ଟକାର ଉପସେବାକେନ୍ଦ୍ରର ନବନିର୍ମିତ ଓମ୍ ଜ୍ୟୋତି ଭବନ ଜ୍ଞାନଯୋଗ ଓ ସାଧନା ପାଇଁ ପ୍ରସ୍ତୁତ ହୋଇ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟାଳୟ ମାଉଣ୍ଟ ଆବୁରୁ ସଂସ୍ଥାର ଅତିରିକ୍ତ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଜୟନ୍ତୀ ଦିଦିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ବେଳେ କଟକ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ଡ. ବ୍ରହ୍ମାକୁମାରୀ କମଲେଶ ଦିଦି ଆଶୀର୍ବଚନ ଦେଇଥିଲେ। ଅନ୍ୟତମ ପ୍ରବକ୍ତା ଅଷ୍ଟ୍ରେଲିଆର ବ୍ର. କୁ. ଜସ୍ମିନ୍, ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ



ମୁକେଶ ମହାଲିଙ୍ଗ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, କଟକ ସଦରର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ବିଶେଷ ଅତିଥି ରୂପେ ଯୋଗ ଦେଇଥିଲେ। ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶିକା ରୀନା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଗୀତାଞ୍ଜଳି ରାଜଯୋଗର ଅନୁଭୂତି କରାଇଥିଲେ। ଅସ୍ମିତା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ ଧନ୍ୟବାଦ ଅର୍ପଣ କରିଥିଲେ। କୁମାରୀ ଶିଖା ନୃତ୍ୟ ଏବଂ କୁମାର ସଞ୍ଜୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ଛନ୍ଦା ବଜାରରେ ବାର୍ଷିକ ଶାରଳା ମେଳା

ନିଶ୍ଚିନ୍ତକୋଇଲି, ୨୧।୨(ସମିସ): ନତକାଇ ପଞ୍ଚାୟତସ୍ଥିତ ଛନ୍ଦା ବଜାରରେ ବ୍ୟବସାୟୀ ସଂଘ ଓ ଗ୍ରାମବାସୀମାନଙ୍କ ମିଳିତ ଉଦ୍ୟମରେ ଅଷ୍ଟାଦଶ ବାର୍ଷିକ ମା' ଶାରଳା ମେଳା ମହୋତ୍ସବ ଅନୁଷ୍ଠିତ ହୋଇଛି। ଝଙ୍କଡ଼ସ୍ଥିତ ମା' ଶାରଳାଙ୍କ ପୀଠରୁ ଆଜ୍ଞାମାଳକୁ ଶୋଭାଯାତ୍ରାରେ ଅଣାଯାଇ ମେଳା ମଣ୍ଡପରେ ସ୍ଥାପନ କରାଯାଇଥିଲା। ବୈକୁଣ୍ଠନାଥ ସାହୁ ଏବଂ ଉର୍ମିଳା ସାହୁ କର୍ତ୍ତା ଥିଲା ବେଳେ ଅକ୍ଷୟ କୁମାର ପଣ୍ଡା ଓ ତାଙ୍କ



ସହଯୋଗୀ କାର୍ଯ୍ୟ ସମାପନ କରିଥିଲେ। ସଂଘ ପକ୍ଷରୁ ମନୋଜ ରାଉତ, ଶିକ୍ଷାବିତ୍ ଅଲେଖଚନ୍ଦ୍ର ବେହେରା, ରବିନାରାୟଣ ସାମଲ, ଉତ୍ତମ ଦାସ, ଚଗଲା ସାହୁ, ଦୟାନିଧି ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ସମେତ ଶହ ଶହ ଭକ୍ତ ମା'ଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଇଥିଲା।

## କନିଷ୍ଠ କିରାଣିଙ୍କ ଅଡୁଆ

ଭଦ୍ରେଶ୍ୱର, ୨୧।୨ (ସମିସ): ରାଜ୍ୟର ୧୨୮ ଜଣ ଅବସରପ୍ରାପ୍ତ କନିଷ୍ଠ କିରାଣି ଏବେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଏହି କିରାଣିମାନେ ପଦୋନ୍ନତି ପାଇ ନଥିବା କାରଣରୁ ସରକାର ପ୍ରତି ୧୦ବର୍ଷ, ୨୦ବର୍ଷ ଓ ୩୦ ବର୍ଷରେ ଥରେ ଏମଏସିପି ପ୍ରଦାନ କରିଆସୁଥିଲେ। ତେବେ ଏହି କିରାଣିମାନେ ଅବସର ଗ୍ରହଣ ପରେ ସେମାନଙ୍କର ପେନସନ ମଧ୍ୟ ପାଇ ସାରିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ଏହି ଅବସରପ୍ରାପ୍ତ ଏବଂ ପେନସନଭୋଗୀ କନିଷ୍ଠ କିରାଣିମାନେ ନେଇଥିବା ଏମଏସିପି ଫେରାଇବା ନିମନ୍ତେ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଆଦେଶ ଦିଆଯାଇଛି। ଯାହାକୁ ନେଇ ଏହି ଅବସରପ୍ରାପ୍ତ କନିଷ୍ଠ କିରାଣି ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ସରକାର ଏହି କନିଷ୍ଠ କିରାଣିଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବା ନିମନ୍ତେ ଦାବି କରାଯାଇଛି।

## ୯୫ ଲିଟର ଦେଶୀମଦ ସହ ୨ ଗିରଫ

ଆଠଗଡ଼, ୨୧।୨ (ସମିସ): ଗୁରୁବାର ବିଳମ୍ବିତ ରାତିରେ ଆଠଗଡ଼ ପୁଲିସ ପକ୍ଷରୁ ତଲାସୀ ବେଳେ ୯୫ ଲିଟର ଚୋରା ଦେଶୀ ରନ୍ଧା ମଦ ସହ ଦୁଇଜଣ ବ୍ୟକ୍ତି ଓ ୨ଟି ମୋଟର ସାଇକଲ ଜବତ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ସହକାରୀ ଏସଆଇ ସତ୍ୟପ୍ରିୟ ବରାଳ ପାଟ୍ରୋଲିଂ କରୁଥିବା ବେଳେ ପୁରୁଣା କଟକ-ସମ୍ବଲପୁର ରାସ୍ତାର ମିନାର ହୋଟେଲ ନିକଟରେ କୋରଙ୍ଗା ଗ୍ରାମର ଅନୀଲ ସାହୁ ଓ ହରିଡାଗହିର ଲୁଲୁ ସାହୁଙ୍କୁ ଯାଞ୍ଚ କରିଥିଲେ। ବେଣ୍ଟପଦା ଗ୍ରାମର ବାବୁ ସାହୁ ଫେରାର ହୋଇଯାଇଛି। ଗୋଟିଏ ମୋଟର ସାଇକଲ ନଂ-ଓଆର୦୨ଏଏନ ୧୪୫୫ ଏବଂ ସ୍କୁଟି ନଂ-ଓଡି୦୫ବିୟୁ ୬୮୯୮ରେ କୋରଙ୍ଗାରୁ ୯୫ ଲିଟର ଦେଶୀ ରନ୍ଧା ମଦ ବୋଝେଇ କରି ବାହାରକୁ ଚାଲାଣ କରୁଥିବା ବେଳେ ପୁଲିସ ହାବୁଡରେ ପଡ଼ିଥିଲେ। ଅନୀଲ ଓ ଲୁଲୁକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

## ଶିରିଡ଼ି ସାଇବାବାଙ୍କ ବାର୍ଷିକୋତ୍ସବ

ଚୌଦ୍ୱାର, ୨୧।୨(ସମିସ): ଚୌଦ୍ୱାର ରୂପଯାତ୍ରା ପଡ଼ିଆସ୍ଥିତ ଶ୍ରୀ ଶ୍ରୀ ଶିରିଡି ସାଇବାବାଙ୍କ ଦ୍ୱାଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ହୋମଯଜ୍ଞରେ ଶିବଶଙ୍କର ସାହୁ ଓ ପାଏଲ ସାହୁ କର୍ତ୍ତା ଥିଲେ। ପୂଜକ ଗଗନ ପଣ୍ଡା ଓ ସୂରଜ ରଥ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସାଇ ମନ୍ଦିର ଟ୍ରଷ୍ଟର ସଦସ୍ୟ ଓ ପରମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ସୁନୀଲ କୁମାର ସାହୁ, ରମେଶଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ସାମଲ, ନିରଞ୍ଜନ ନାୟକ, ବିଦ୍ୟାଧର ନାୟକ, ବାଙ୍କାନିଧି ବେଉରା, ସୁରେନ ବେହେରା, ବିଷ୍ଣୁଚରଣ ନାୟକ, ଅନାଦି ଅଚ୍ୟୁତ ଲେଙ୍କା, ଅଶାନ୍ତ ବେହେରା, ଧୀରଜ ପରିଡ଼ା, ଅଶୋକ ଲେଙ୍କା, ଦୀପକ ସାହୁ, ଜୟନ୍ତ କୁମାର ପରିଡ଼ା, ସୁଶୀଲ କୁମାର ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ସାଇ ମନ୍ଦିର ପ୍ରତିଷ୍ଠାରେ ସ୍ୱର୍ଗତ ତୋଫାନୀ ନାୟକଙ୍କ ଅବଦାନ ଅତୁଳନୀୟ ବୋଲି ସାଇପ୍ରେମୀ ମତବ୍ୟକ୍ତ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

# 'ମାତୃଭାଷା ଓ ମାତୃଭୂମି ପ୍ରତି ମମତାବୋଧ ଆମ ଜାତୀୟତାକୁ ପରିପୁଷ୍ଟ କରେ'





କଟକ ୨୧।୨ (ସମିସ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉତ୍କଳଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅଭାସୀରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମାତୃଭାଷା ଓ ମାତୃଭୂମି ପ୍ରତି ମମତାବୋଧ ଆମ ଜାତୀୟ ଜୀବନକୁ ପରିପୁଷ୍ଟ କରିଥାଏ ବୋଲି ଉଲ୍ଲେଖ କରି ଅନ୍ୟ ଭାଷା ସହିତ ମାତୃଭାଷା ଓଡ଼ିଆର ବ୍ୟବହାର ଓ ସୁରକ୍ଷା ଲାଗି ଯତ୍ନବାନ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡ. ଅଜିତ କୁମାର ମହାପାତ୍ର, ଅଧ୍ୟାପିକା ସାଗରିକା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କାଳଜୟୀ କବିତା ସଙ୍ଗୀତ ଗାନ କରିଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଚୌଦ୍ୱାର:** ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ସାରଦା ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିଶୁମାନେ ମୋ ମାତୃଭାଷା ମୋତେ ଶ୍ରେଷ୍ଠ ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିବା ସହ ବିଭିନ୍ନ କବି ମାନଙ୍କର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ କବିତା ଜେନା ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ଶ୍ରୁତିକାନ୍ତ ରାଉତ, ଆରତି ମହାପାତ୍ର, ସ୍ୱର୍ଣ୍ଣଲତା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ-ଗୁରୁମା ସହଯୋଗ କରିଥିଲେ।

**ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହଳଦୀବସନ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ନିଜ ତରଫରୁ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ଶ୍ରୀ ବେହେରା ଆଜି ପର୍ଯ୍ୟନ୍ତ ନିଜ ଦରମାରୁ ୨୭୫୩୦ ଖଣ୍ଡ ବର୍ଣ୍ଣବୋଧ ପୁସ୍ତକ କ୍ରୟ କରି ଓଡ଼ିଶାର ସମସ୍ତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ବଣ୍ଟନ କରିଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଭଦ୍ରେଶ୍ୱର:** ମାହାଙ୍ଗା ବ୍ଲକ ନାହଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃ ଦିବସ ପାଳନ ଅବସରରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ବିଶିଷ୍ଟ ପ୍ରାବନ୍ଧିକ ଡ. ଏକାଦଶୀ ପ୍ରଧାନ, ମୁଖ୍ୟବକ୍ତା ସାହିତ୍ୟିକ ଗୌତମ ଚରଣ ଜେନା, ସମ୍ମାନିତ ଅତିଥି ସିଆରସିସି ରମାକାନ୍ତ ଦାସ, ସାମ୍ବାଦିକ ବିଜୟ କୁମାର କୁଅଁର ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଶିକ୍ଷୟିତ୍ରୀ ବନଶ୍ରୀ ବାରିକ, ମନୋରମା ବେହେରା, ଗୁମିମଣୀ ସୋରେନ ପ୍ରମୁଖ ସହଯୋଗ କରିଥିଲା ବେଳେ ଶିକ୍ଷକ ଭାଗବତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତିଶୃଙ୍ଖଳାରେ ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା









ଚୌଦ୍ୱାର-ଟାଙ୍ଗୀ-ମଙ୍ଗୁଳି, ୨୧।୨(ସମିସ)

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପାଇଁ ହବ୍ ସେଣ୍ଟର ଭାବେ ବଛାଯାଇ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯାଇଛି। ଏହିଠାରୁ ବ୍ଲକର ୧୩ଟି ବିଦ୍ୟାଳୟକୁ ସୁରକ୍ଷା ବ୍ୟବସ୍ଥା ଭିତରେ ପ୍ରଶ୍ନପତ୍ର ସଠିକ ସମୟ ଭିତରେ ପଠାଯାଉଛି। କଳିଙ୍ଗ ନୋଡାଲ ବିଦ୍ୟାପୀଠ କେନ୍ଦ୍ରରେ କଳିଙ୍ଗ ବିଦ୍ୟାପୀଠ, ନିଗମାନନ୍ଦ ହାଇସ୍କୁଲ, ଓଟିଏମ ହାଇସ୍କୁଲ ଓ ଗୋପବନ୍ଧୁ ହାଇସ୍କୁଲର ୨୦୨ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥ ସୂଚନା ଦେଇଛନ୍ତି। ସେହିପରି ଟାଙ୍ଗୀ ବିଦ୍ୟାପୀଠ, ବିଶିନାହାକାଣୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, କନ୍ହେଇପୁର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଟିଏମ୍ ହାଇସ୍କୁଲ, ଆଗ୍ରାହାଟ ହାଇସ୍କୁଲ, ସାଧୁସୁନ୍ଦର ବିଦ୍ୟାପୀଠ ସମେତ ୧୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୪୦୧ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେଇଛନ୍ତି। ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଅନ୍ତର୍ଭୁକ୍ତ ୨୪୧୧ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବା ବେଳେ ବିଭିନ୍ନ କାରଣବଶତଃ ୧୦ଜଣ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। କପି ରୋକିବା ନିମନ୍ତେ ପ୍ରତି କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ସାଲେପୁର:** ସାଲେପୁର ଶିକ୍ଷା ମଣ୍ଡଳ ଅଧୀନରେ ୧୨ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୩୪୬ ଜଣ ପରୀକ୍ଷା ଦେଇଥିବା ବେଳେ କୌଣସି କାରଣରୁ ୧୯ ଜଣ ଅନୁପସ୍ଥିତ ରହିଥିବା ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ସୂଚନା ଦେଇଛନ୍ତି। ସାଲେପୁର ହାଇସ୍କୁଲରେ ୧୭୪, ଛାଣିପୁର ନୋଡାଲ ହାଇସ୍କୁଲରେ ୨୩୬, ବହୁଗ୍ରାମସ୍ଥିତ ବିବେକାନନ୍ଦ ବିଦ୍ୟାପୀଠରେ ୨୭୬, ବଣହରା ନୋଡାଲ ହାଇସ୍କୁଲରେ ୧୮୯, ଗୋପୀନାଥପୁର ହାଇସ୍କୁଲରେ ୧୯୯, ରାମେଶ୍ୱରସ୍ଥିତ ଲାଲବାହାଦୁର ନୋଡାଲ ହାଇସ୍କୁଲରେ ୧୦୫, ମହାସିଂହପୁର ନୋଡାଲ ହାଇସ୍କୁଲରେ ୨୦୧, ରେବା ନୋଡାଲ ହାଇସ୍କୁଲରେ ୨୦୩, ପଦ୍ମପୁର ହାଇସ୍କୁଲରେ ୨୦୭, ରାଇସୁଙ୍ଗୁଡ଼ା ଏକ୍ରାମରସୁଲ ହାଇସ୍କୁଲରେ ୨୭୬, ଗୁଆଳି ନୋଡାଲ ହାଇସ୍କୁଲରେ ୧୫୨ ଓ ଉଦୟପୁରସ୍ଥିତ ସୁରେନ୍ଦ୍ରନାଥ ନୋଡାଲ ହାଇସ୍କୁଲରେ ୧୨୮ ଜଣ ମାଟ୍ରିକ ପରୀକ୍ଷା ଦେଇଛନ୍ତି ବୋଲି ବିଇଓ ଶ୍ରୀମତୀ ବେହେରା ସୂଚନା ଦେଇଛନ୍ତି।

**ନିଆଳି:** ନିଆଳି ବ୍ଲକର ମୋଟ ୮ଟି ପରୀକ୍ଷାକେନ୍ଦ୍ରରେ ମୋଟ ୧୪୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ୧୩ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ନୀଳମଣି ସରକାରୀ ହାଇସ୍କୁଲରେ ୧୮୨, ନିଆଳି ସରକାରୀ ହାଇସ୍କୁଲରେ ୨୮୩, ଜଲ୍ଲାରପୁରର ରାମେଶ୍ୱର ସରକାରୀ ହାଇସ୍କୁଲରେ ୧୫୯ ଜଣ ଫର୍ମ ପୂରଣ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମାଧବାନନ୍ଦଜୀଉ ସରକାରୀ ସ୍କୁଲରେ ୧୯୮ଜଣ, କୁତାମଚଣ୍ଡୀ ହାଇସ୍କୁଲରେ ୧୪୬, ବିଳାସୁଣୀ ଏସ୍.ଜି. ହାଇସ୍କୁଲରେ ୧୬୩, କସର୍ଦା ଏଲ୍ଏନ୍ ସ୍କୁଲରେ ୧୫୧ ଜଣ, ଏରଏଲ୍ଏନ୍‌ରେ ୧୮୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ନିଆଳିସ୍ଥିତ ନୀଳମଣି ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ୍ ସେଣ୍ଟର କରାଯାଇଥିବା ବେଳେ ଅଧିକାରୀ ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ମଲ୍ଲିକଙ୍କୁ ନିଯୁକ୍ତି କରାଯାଇଥିଲା। ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ବ୍ଲକ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ର ସୂଚନା ଦେଇଛନ୍ତି।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ମାଟ୍ରିକ, ମଧ୍ୟମା ଏବଂ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ୍ ୧୫ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଏହି ୧୫ଟି କେନ୍ଦ୍ରରେ ୨୪୩୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆଡମିଟ କାର୍ଡ ଗ୍ରହଣ କରିଥିଲେ ମଧ୍ୟ ସେଥିମଧ୍ୟରୁ ୨୪୦୪ ଜଣ ପରୀକ୍ଷା ଦେଇଛନ୍ତି ଓ ୨୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ନିଶ୍ଚିନ୍ତକୋଇଲି ପରୀକ୍ଷା କେନ୍ଦ୍ରରେ ୬୩ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୫୩ ଜଣ ମଧ୍ୟମା ପରୀକ୍ଷା ଦେଇଛନ୍ତି ଓ ୧୦ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି କଟରପଡ଼ା ପରୀକ୍ଷା କେନ୍ଦ୍ରରେ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୩୯ଜଣ ପରୀକ୍ଷାର୍ଥୀ ପ୍ରବେଶପତ୍ର ଗ୍ରହଣ କରିଥିବା ବେଳେ ୩ଜଣ ଅନୁପସ୍ଥିତ ଥିଲେ। ପ୍ରଥମ ଦିନ ମାତୃଭାଷା ସାହିତ୍ୟ ପରୀକ୍ଷାରେ କେତେକ ପରୀକ୍ଷାରେ ବିଶୃଙ୍ଖଳା ପରିଲକ୍ଷିତ ହୋଇଛି। ଅସୁରେଶ୍ୱର କେନ୍ଦ୍ର ଓ ଖଣ୍ଡାୟତ ପଟକିରା ପରୀକ୍ଷା କେନ୍ଦ୍ରକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଜୟଶ୍ରୀ ମିଶ୍ର ଓ ଗୀତାଞ୍ଜଳି ମିଶ୍ର କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଖଣ୍ଡସାହି ପରୀକ୍ଷା କେନ୍ଦ୍ର ଓ ବନ୍ଧକାଟିଆ ପରୀକ୍ଷା କେନ୍ଦ୍ରକୁ ତହସିଲଦାର ଅନିତା ନାୟକ ଓ ମଣ୍ଡଳ ଶିକ୍ଷାଧିକାରୀ ପରିଦର୍ଶନ କରିଥିଲେ। ବଳରାମପୁର କେନ୍ଦ୍ରରେ କଳମିଶ୍ରୀ ରାଜସ୍ୱ ନିରୀକ୍ଷକ ପରୀକ୍ଷା ପରିଦର୍ଶନ କରିଛନ୍ତି। ପୂର୍ବରୁ ୫-ଟି ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଥିବା ବେଳେ ବୋଡର୍ ପକ୍ଷରୁ ସ୍ୱତନ୍ତ୍ର ଭାବେ ନେମାଳର ଅଚ୍ୟୁତାନନ୍ଦ ବିଦ୍ୟାପୀଠ କେନ୍ଦ୍ର, କୁଳ ସୁକରପଡ଼ା ଉଚ୍ଚବିଦ୍ୟାଳୟ କେନ୍ଦ୍ର ଓ ଅହମ୍ମଦବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି।

**ମାହାଙ୍ଗା:** ମାହାଙ୍ଗା ବ୍ଲକର ୧୩ଟି କେନ୍ଦ୍ରର ୫୧ଟି ହାଇସ୍କୁଲର ୧୯୫୩ ଜଣ ପରୀକ୍ଷା ଦେବାର ବ୍ୟବସ୍ଥା ରହିଥିଲା। ତେବେ, ୧୯୩୮ ଜଣ ପରୀକ୍ଷା ଦେଇଥିବାବେଳେ ୧୫ ଜଣ ଅନୁପସ୍ଥିତ ରହିଛିନ୍ତି। ବାସୁଦେବପୁର ସରକାରୀ ଉଚ୍ଚବିଦ୍ୟାଳୟରେ ୧୫୩, ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ପଶ୍ଚଲୁଣ୍ଡାରେ ୧୩୭, ନନ୍ଦକିଶୋର ବିଦ୍ୟାମନ୍ଦିର କୁସୁପୁରରେ ୧୨୫, ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚବିଦ୍ୟାଳୟ ମୂଳବସନ୍ତରେ ୧୪୭, ଚୌ÷ଧୁରୀ ରାଧାନାଥ ବିଦ୍ୟାପୀଠ ଭେଡାରେ ୧୭୮, ରାମଚଣ୍ଡୀ ସରକାରୀ ଉଚ୍ଚବିଦ୍ୟାଳୟରେ ୧୬୮, ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରରେ ୨୦୩, ପଲ୍ଲିସାହୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୫, କଇଥା ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମରେ ୧୪୨, ରଘୁନାଥଜୀଉ ବିଦ୍ୟାପୀଠ କୋଠପଦାରେ ୧୨୧, ରାଧାଶ୍ୟାମ ବିଦ୍ୟାପୀଠ ବରାହିପୁରରେ ୧୩୬, ନୁର୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୫ ଓ ଝାଡେଶ୍ୱରପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୭୮ ଜଣ ପରୀକ୍ଷା ଦେଇଥିଲେ।

**କନ୍ଦରପୁର:** କଟକ ସଦର ଅଞ୍ଚଳର ରତ୍ନାକର ବିଦ୍ୟାପୀଠ ବିରିବାଟି ପରୀକ୍ଷା ସେଣ୍ଟରରେ ୧୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଗୋପାଳ ସ୍ମୃତି ସରକାରୀ ବିଦ୍ୟାପୀଠ ସିଦ୍ଧେଶ୍ୱରପୁରରେ ୨୦୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ତେଲଦିଆ ସରକାରୀ ଉଚ୍ଚବିଦ୍ୟାଳୟରେ ୧୨୬, ଚିନ୍ତାମଣି ବିଦ୍ୟାପୀଠ କିଶୋରନଗରରେ ୧୨୨, ସାଧୁଚରଣ ଉଚ୍ଚବିଦ୍ୟାଳୟ ନାନପୁରରେ ୧୩୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ୪୨ ମୌଜା ବେଣ୍ଟକାର ନୋଡାଲ ଉଚ୍ଚବିଦ୍ୟାଳୟରେ ୨୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

**ଟିଗିରିଆ:** ଆଠଗଡ ଉପଖଣ୍ଡ ଅଧୀନ ଆଠଗଡ ଓ ଟିଗିରିଆ ବ୍ଲକରେ ମୋଟ ୨୯୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଆଠଗଡ଼ ସାଧନ କେନ୍ଦ୍ର ସଂଯୋଜକ ତଥା ସହ ଶିକ୍ଷାଧିକାରୀ ଶିଶିର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆଠଗଡ ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୮୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେହିପରି ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ସିଙ୍ଗୋ ହାଁସଦାଙ୍କ ତତ୍ତ୍ୱାବଧାନରେ ବ୍ଲକର ୬ଟି କେନ୍ଦ୍ରରେ ମୋଟ ୧୦୬୫ ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ପରୀକ୍ଷା ଦେଇଛନ୍ତି। ଆଠଗଡ ବ୍ଲକରେ ମୋଟ ୧୮୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ବିଭିନ୍ନ କେନ୍ଦ୍ରରେ ୧୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଟିଗିରିଆ ବ୍ଲକରେ ପଞ୍ଜିକୃତ ହୋଇଥିବା ମୋଟ ୧୦୭୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ରହିଥିଲେ। ସମସ୍ତ କେନ୍ଦ୍ରରେ ସିସିଟିଭି ତଥା ଏଆଇ କ୍ୟାମେରାର ବ୍ୟବସ୍ଥା ହୋଇଥିବା ଜଣାଯାଇଛି।

## ବିପୁଳ କଫ୍‌ସିରପ୍ ଜବତ; ଅଭିଯୁକ୍ତ ଗିରଫ

କଟକ, ୨୧।୨(ସମିସ): କଟକ ସଦର ୪୨ ମୌଜା ଥାନା ଶିଶୁଆ ଗ୍ରାମ ନିକଟ ନଦୀବନ୍ଧରେ ୪୨ ମୌଜା ପୁଲିସ ପକ୍ଷରୁ ଏକ କାରକୁ ଜବତ କରାଯିବା ସହ ବିପୁଳ ବେଆଇନ କଫ ସିରପ ଜବତ କରାଯାଇଛି। ଏଥିରେ ଅଭିଯୁକ୍ତ କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରିତମ ବିଶ୍ୱାଳକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ସକାଳେ ୪୨ ମୌଜା ପୁଲିସ ପକ୍ଷରୁ ଯାଞ୍ଚ ଚାଲିଥିବା



ସମୟରେ ଉକ୍ତ କାର୍‌କୁ ସନ୍ଦେହରେ ଅଟକା ଯାଇଥିଲା। ଓଡି ୦୫ କ୍ୟୁ ୬୧୧୯ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୧୫ଟି କାର୍ଟୁନରେ ୧୮୬୦ଟି କୋଡିନ କଫସିରପ, ୱାନ ପ୍ଲସ ମୋବାଇଲ ଓ ୯୮୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଅନ୍ୟପକ୍ଷରେ, ଅଭିଯୁକ୍ତ ଜାମିନ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

**୫୬, ୫୭, ୫୮ ଓ ୫୯ ନଂ ୱାର୍ଡ ଡ୍ରେନ୍ ସମସ୍ୟା**

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସ୍ମାରକପତ୍ର



ଫୁଲନଖରା, ୨୧।୨ (ସମିସ): କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତି ପକ୍ଷରୁ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କୁ ଜନସାଧାରଣ ତଥା ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ନାଳ ବା ଡ୍ରେନ୍ ନିର୍ମାଣ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାନଗର ନିଗମର ଦକ୍ଷିଣାଞ୍ଚଳର କାଠଯୋଡି ନଦୀକୂଳରୁ ଆରମ୍ଭ କରି ଫୁଲନଖରା ପର୍ଯ୍ୟନ୍ତ ୫୬, ୫୭, ୫୮ ଓ ୫୯ ନଂ ୱାର୍ଡଗୁଡିକ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତ ସ୍ତରରୁ ନିଗମ ଅଧୀନକୁ ଯାଇଥିଲେ ବି ଅଦ୍ୟାବଧି ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ବା ନାଳ ନିର୍ମାଣ ହୋଇପାରିନାହିଁ। ଯଦ୍ୱାରା ବର୍ଷସାରା ବର୍ଜ୍ୟଜଳ ଜମିରହି ସାଧାରଣ ଜୀବନରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

ଏ ସଂପର୍କରେ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ତରଫରୁ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତିରେ ସୀମିତ ରହିଯାଉଛି ଅଭିଯୋଗ। ଗତ ଡିସେମ୍ବର ୩ତାରିଖରେ ତତ୍କାଳୀନ ନିଗମ ଅଧ୍ୟକ୍ଷ ଆସନ୍ତା ୩ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇ କାମ ନକରି ଅବସର ନେଇଗଲେ। ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ହେବାରେ ଲାଗିଛି। ଆସନ୍ତା ବର୍ଷାଦିନ ଆସିବା ସମୟ ପୂର୍ବରୁ ଏହି ଅଞ୍ଚଳର ଜଳ ନିଷ୍କାସନ ସମସ୍ୟା ତଥା ଡ୍ରେନ୍ ନିର୍ମାଣ କାମକୁ ସମ୍ପୂର୍ଣ୍ଣ କରିବାକୁ କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତିର ଏକ ପ୍ରତିନିଧି ଦଳ ଡ୍ରେନ୍ ବା ନାଳ ନିର୍ମାଣ ପାଇଁ ଉଭୟ ନଗର ଉନ୍ନୟନ ମନ୍ତ୍ରୀ ଓ ସଦର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଭୟ ପ୍ରତିନିଧିଙ୍କୁ ସମିତି ପକ୍ଷରୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମିତିର ଆବାହକ କବି ଅକ୍ଷୟ ରାଉତ, ଡ. ବ୍ରଜକିଶୋର ନାୟକ, ଗୋବିନ୍ଦ ଦାସ, ଗୌରହରି ସାମଲ, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଉଭୟ ମନ୍ତ୍ରୀ ଓ ବିଧାକୟଙ୍କ ସହିତ ଦୀର୍ଘ ବର୍ଷର ସମସ୍ୟା ବିଷୟରେ ଅଞ୍ଚଳବାସୀଙ୍କ ସମସ୍ୟା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜନସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହି ନାଳ ନିର୍ମାଣ ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିବା ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ଭାଙ୍ଗିଲା ବନ୍ଦ ରେଳ ଫାଟକ

ତ୍ରିଶୂଳିଆ, ୨୧।୨(ସମିସ): ଶୁକ୍ରବାର ପୂର୍ବାହ୍ନରେ ନରାଜ-ମାର୍ଥାପୁର ରେଳ ଷ୍ଟେସନ ନିକଟ ଅରିଲୋଠାରେ ଥିବା ୧୫ନମ୍ବର ରେଲୱେ ଲେଭଲ କ୍ରସିଂର ବନ୍ଦ ଫାଟକକୁ ଦ୍ରୁତଗତିରେ ଆସି ଏକ ବିଦ୍ୟୁତ୍ ବିଭାଗ ଟିପିସିଓଡିଏଲ ଗାଡି ଧକ୍କା ଦେବାରୁ ଫାଟକଟି ଟ୍ରେନ ଆସିବା ସୂଚନା ପାଇ ଫାଟକକୁ ବନ୍ଦ କରି ସାଇରନ ଦେଇଥିଲେ। ଠିକ ଏତିକି ବେଳେ ଓଡି ୦୫ସି ୧୪୮୬ ବିଶିଷ୍ଟ ଏକ ବିଦ୍ୟୁତ୍ ବିଭାଗ ଟିପିସିଓଡିଏଲ ଗାଡି ଉକ୍ତ ଫାଟକକୁ ଧକ୍କା ଦେବାରୁ ଫାଟକଟି ଭାଙ୍ଗି ସିଧା ରେଳ ଧାରଣା ଉପରକୁ ଚାଲିଯାଇଥିଲା।



ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ଟ୍ରେନ୍‌ଗୁଡିକୁ ହ୍ୟାଣ୍ଡ ସିଗନାଲ୍‌ରେ ଛଡାଯାଇଛି। ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ପୁରୀ ଅଭିମୁଖେ ଆସୁଥିବାବେଳେ ଷ୍ଟେସନ ଛାଡିବା ପାଇଁ ଷ୍ଟେସନ କର୍ତ୍ତୃପକ୍ଷ ସିଗନାଲ ଦେଇଥିଲେ। ଲେବଲ କ୍ରସିଂ ଜଗୁଆଳି ମଧ୍ୟ ସେହି ସମୟରେ ଫଳରେ ଷ୍ଟେସନ ଛାଡୁଥିବା ଟ୍ରେନଟି ପ୍ରାୟ ୩୫ମିନିଟ ପର୍ଯ୍ୟନ୍ତ ଷ୍ଟେସନରେ ଅଟକି ରହିଥିଲା। ଫାଟକ ଭାଙ୍ଗିଥିବା ଉକ୍ତ ଗାଡ଼ିକୁ ରେଳବାଇ ପୁଲିସ ଜବତ କରିଛି। ଘଣ୍ଟିଖୋଲ ଆରପିଏଫ ଥାନା ଏକ ମାମଲା ରୁଜୁ କରି ଗାଡ଼ି ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଛି।

## ଚୋରି ଅଭିଯୋଗରେ ୫ ଅଣଓଡ଼ିଆ ମହିଳା ଗିରଫ







ଆଠଗଡ଼, ୨୧।୨ (ସମିସ): ଆଠଗଡ଼ରେ ଅଣଓଡ଼ିଆ ମହିଳାଙ୍କ ପ୍ରାଦୁର୍ଭାବ। ଶୁକ୍ରବାର ଏକ ମାମଲାରେ ଆଠଗଡ଼ ପୁଲିସ ଏଭଳି ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବସ୍ ଯାତ୍ରୀଙ୍କ ପର୍ସ ଚୋରି ଅଭିଯୋଗରେ ପୁଲିସ ଏହି ୫ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ସଞ୍ଜୟ ବାରିକଙ୍କ ସ୍ତ୍ରୀ ରଶ୍ମିତା କଟକ-ନରସିଂହପୁର ଜୋନ୍‌ରେ ଚାଲୁଥିବା ଏକ ଘରୋଇ ବସରେ ଖୁଣ୍ଟୁଣୀରୁ ଆଠଗଡ ଆସୁଥିବା ବେଳେ ଖୁଣ୍ଟୁଣୀ ବସ ରହଣି ସ୍ଥାନରୁ କିଛି ଅଣଓଡିଆ ମହିଳା ଗାଡ଼ିରେ ଚଢ଼ିଥିଲେ। ରଶ୍ମିତା ଆଠଗଡରେ ଓହ୍ଲାଇ ଫଳ କିଣିବାକୁ ଗଲାବେଳେ ତାଙ୍କ ଭ୍ୟାନିଟି ବ୍ୟାଗ ଭିତରେ ଥିବା ପର୍ସ ସହ ତା' ଭିତରେ ଥିବା ଟଙ୍କା ଚୋରି ହୋଇଥିବା ଦେଖିଥିଲେ। ରଶ୍ମିତା ଏଥିନେଇ ପାଟିତୁଣ୍ଡ କରିବା ପରେ ସ୍ଥାନୀୟ ଲୋକେ ଗାଡିରେ ଥିବା ଅଣଓଡିଆ ମହିଳାମାନଙ୍କୁ ଧରି ସେମାନଙ୍କୁ ଆଟଗଡ ପୁଲିସର ଜିମା ଦେଇଥିଲେ। ରଶ୍ମିତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ସଂପୃକ୍ତ ମହିଳାମାନଙ୍କୁ ଯାଞ୍ଚ କରିବା ପରେ ତାଙ୍କଠାରୁ ରଶ୍ମିତାଙ୍କର ଚୋରୀ ଯାଇଥିବା ପର୍ସ ସହ ୨୪୦୦ ଟଙ୍କା ମିଳିଥିବାର ଆଠଗଡ ଆଇଆଇସି ସୁମତୀ ମହାନ୍ତି ସୂଚନା ଦେଇଛନ୍ତି। ମହିଳାମାନଙ୍କ ଘର ମହାରାଷ୍ଟ୍ର ବୋଲି ସେମାନେ କହୁଥିବା ବେଳେ ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ନଥିବାରୁ ସେମାନଙ୍କ ନାମ ଓ ଠିକଣା ଉପରେ ପୁଲିସ ସନ୍ଦେହ ପ୍ରକାଶ କରିଛି। ମହିଳାମାନେ ନିଜକୁ ସୋମିତା କାମଡେ, ରେଶମା ବିଷନେ, ମାଳତୀ ବିଷନେ, ସାରିକା ପାତ୍ରୀ, ଲଛମା ଇଞ୍ଜୁରକର ବୋଲି କହଛନ୍ତି। ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛିସେମାନଙ୍କ ଡାକ୍ତରୀମାଇନା କରାଯାଇ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ସହକାରୀ ସବ୍‌ଇନ୍ସପେକ୍ଟର ରାଧାନାଥ ରାଉତ ସୂଚନା ଦେଇଛନ୍ତି।

**ଚୌଦ୍ୱାର ପୌରପାଳିକାର ଅଜବ ନୀତି**

## ସରକାରୀ ଯୋଜନା ହାତେଇଛନ୍ତି କାଉନ୍‌ସିଲରଙ୍କ ପରିବାର

ଚୌଦ୍ୱାର,୨୧।୨(ସମିସ)

ଚୌଦ୍ୱାର ପୌରପାଳିକା ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ସମସ୍ତ ସରକାରୀ ଯୋଜନାକୁ ହାତେଇବାରେ ଲାଗିଛନ୍ତି ନିର୍ବାଚିତ ଲୋକପ୍ରତିନିଧି। କେଉଁଠି ରାସ୍ତାଘାଟ କାମ ହେଉ ବା ନାଳନର୍ଦ୍ଦମା ନିର୍ମାଣ କିମ୍ବା ରକ୍ଷଣାବେକ୍ଷଣ ହେଉ ସବୁଥିରେ ନିର୍ବାଚିତ କାଉନସିଲରମାନେ ପ୍ରଚ୍ଛଦପଟରେ ରହି ମୁନାଫା କମାଇବା ସହ ରାଜକୋଷରୁ ଲୁଣ୍ଠନ କରିବାରେ ଲାଗିପଡ଼ିଛନ୍ତି। ତେବେ ଜଣେ କାଉନସିଲର ସମସ୍ତ ସରକାରୀ ଯୋଜନାକୁ ନିଜ ପରିବାରରେ ସାମିଲ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଚର୍ଚ୍ଚା ହେଉଛି। ଏକଦା କଟକ ମହାନଗର ନିଗମରେ ଜଣେ ମେୟର ରାସନକାର୍ଡ ହାତେଇ ମେୟର ପଦ ହରାଇବା ଏବଂ କର୍ପୋରେଟର ପଦରୁ ଇସ୍ତଫା ଦେବାକୁ ପଡ଼ିଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାତ୍ର ଏବେ ଚୌଦ୍ୱାର ପୌରପାଳିକାରେ ଜଣେ ମହିଳା କାଉନସିଲର ଭିନ୍ନକ୍ଷମ ଭତ୍ତା, ସୁଭଦ୍ରା ଯୋଜନା ଓ ରାସନ କାର୍ଡ ହାତେଇଥିବାବେଳେ ତାଙ୍କ ସ୍ୱାମୀ ଲେବର କାଡର୍ ହାତେଇଛନ୍ତି। ଏପରିକି ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଚୌଦ୍ୱାର ଓଟିଏମ ବଜାରରେ ଟେଲର ଦୋକନ ଖୋଲି ଭଲ ରୋଜଗାର କରୁଥିବାବେଳେ ତାଙ୍କ ପୁତ୍ର ଚାକିରି କରି ଆୟକର ଦେଉଛନ୍ତି। ତଥାପି ତାଙ୍କ ପରିବାର ରାସନକାର୍ଡ ହାତେଇବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ତେଜିବାରେ ଲାଗିଛି।

ପ୍ରାପ୍ତ ସୂଚନା ଅନୁଯାୟୀ ଚୌଦ୍ୱାର ପୌରପାଳିକାର ୧୧ ନମ୍ବର ୱାର୍ଡରେ ନିର୍ବାଚିତ ଲୋକପ୍ରତିନିଧି ବିନୋଦିନୀ ରାଉତରାୟ ନିଜ ପରିବାର ନାମରେ ରାସନକାର୍ଡ ହାତେଇଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପରେ ଏବେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଏପରିକି କାଉନସିଲର ଶ୍ରୀମତୀ ରାଉତରାୟ ଭିନ୍ନକ୍ଷମ ଭତ୍ତା ମଧ୍ୟ ନେଉଛନ୍ତି। ସେହିଭଳି ଶ୍ରୀମତୀ ରାଉତରାୟ ଏବଂ ତାଙ୍କ କନ୍ୟା ଉଭୟେ ସୁଭଦ୍ରା ଯୋଜନା ହାତେଇବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି। ସେହିଭଳି କାଉନସିଲରଙ୍କ ସ୍ୱାମୀ ଟେଲର କାରବାର କରିବା ସହ ଏକାଧିକ ମିସ୍ତ୍ରି ନିୟୋଜିତ କରିଥିଲେ ମଧ୍ୟ ସେ ଲେବରକାର୍ଡ ହାତେଇବା କେତେଦୂର ସମିଚୀନ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମସ୍ତ ସରକାରୀ ଯୋଜନାକୁ ସମ୍ପୃକ୍ତା କାଉନସିଲରଙ୍କ ପରିବାର ହାତେଇଥିବାବେଳେ ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ସେ ନେଇ ଅଞ୍ଚଳର ବହୁ ବୁଦ୍ଧିଜୀବୀ ମଧ୍ୟ ପ୍ରକାଶ କରିଛନ୍ତି। ତେବେ ତାଙ୍କ ବିରୋଧରେ ଅଧିକ ତଦନ୍ତ କରାଗଲେ ସେ କିଭଳି ସରକାରୀ ଯୋଜନାକୁ ହଡ଼ପ କରିଛନ୍ତି ତାହାର ସତ୍ୟତା ଜଣାପଡ଼ିବ ବୋଲି ସୂଚନା ଅଧିକାର କର୍ମୀଙ୍କ ପକ୍ଷରୁ କୁହାଯାଇଛି।

ଏନେଇ ସମ୍ପୃକ୍ତ କାଉନସିଲରଙ୍କ ସ୍ୱାମୀ ଭାସ୍କର ରାଉତରାୟଙ୍କୁ ଯୋଗାଯୋଗ କରିବାରେ ଏମିତି ଚୌଦ୍ୱାରରେ ବହୁ ଅଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାକୁ ହାତେଇଥିବାବେଳେ ମୋ ପଛରେ କାହିଁକି ପଡିଛନ୍ତି, ଏହି ସବୁ ଯୋଜନା ପାଇବା ପାଇଁ ମୋ ପରିବାର ହକ୍‌ଦାର ବୋଲି ଶ୍ରୀ ରାଉତରାୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୋ ପତ୍ନୀ କାଉନସିଲର ହୋଇଥିଲେ ମଧ୍ୟ ସେ ଶ୍ରବଣ ବାଧିତ ହୋଇଥିବାରୁ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ସେହିଭଳି ସମସ୍ତ ଯୋଜନା ସମ୍ପର୍କରେ ସେ ଯୁକ୍ତି ମଧ୍ୟ ବାଢ଼ିଥିଲେ। ତେବେ ଏ ନେଇ ଚୌଦ୍ୱାର ପୌର ନିର୍ବାହୀଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ ନୂଆ କରି ନିଯୁକ୍ତି ପାଇଛନ୍ତି ଏବଂ ଏ ବିଷୟରେ ସେ ଜାଣି ନାହାନ୍ତି। ଯଦି ସେ ହାତେଇଥିବା ସରକାରୀ ଯୋଜନା ପାଇଁ ଅଯୋଗ୍ୟ ହୋଇଥିବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଚୌଦ୍ୱାର ଅଞ୍ଚଳରେ ସରକାରୀ ଯୋଜନା ବାଟମାରଣା କରୁଥିବା ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

